## ସଂକ୍ଷେପରେ

### ଘର ସମ୍ମୁଖରୁ ଗାଡ଼ି ଚୋରି

**ଅନୁଗୋଳ, ୨୧।୭ (ଅମିତ କୁମାର ସାମଲ):** ଅନୁଗୋଳ ସଦର ଥାନା କାଙ୍ଗୁଲା ବେଲ୍ତପୁର ଅଞ୍ଚଳରୁ ଗାଡ଼ି ଚୋରି ହୋଇଛି। ଏ ନେଇ ସଦର ଥାନାରେ ଦେବାଶିଷ ପ୍ରସାଦ ରଥ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୪୧୩/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ଦେବାଶିଷ ତାଙ୍କ ଘର ସମ୍ମୁଖରେ ଗତ ୧୩ ତାରିଖ ରାତିରେ ଗାଡ଼ି ରଖିଥିଲେ। ତେବେ ସକାଳେ ଗାଡ଼ି ସେଠାରେ ନ ଥିବା ଦେଖି ଖୋଜାଖୋଜି କରିଥିଲେ। ପରେ ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

### ଠାକୁର ଫଟୋ ତଳୁ ଟଙ୍କା ଚୋରି

**ଅନୁଗୋଳ, ୨୧।୭ (ଅମିତ କୁମାର ସାମଲ):** ଅନୁଗୋଳ ଜିଲା ବଣ୍ଟଁରପାଳ ଥାନା ଅଞ୍ଚଳରେ ପାର୍ବତୀ ନାଏକଙ୍କ ଘରୁ ଚୋରି ହୋଇଛି। ଏ ନେଇ ସେ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୨୭୦/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ପାର୍ବତୀ ଘରେ ଶୋଇଥିବାବେଳେ କବାଟ ଖୋଲା ରହିଥିଲା। ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ଘରେ ପଶି ଠାକୁର ଫଟୋ ତଳେ ରଖାଯାଇଥିବା ଟଙ୍କା ଚୋରି କରିନେଇଥିବା ଅଭିଯୋଗରେ ଦର୍ଶାଯାଇଛି।

# ଅନୁଗୋଳରେ ହେବ ଗ୍ରେ ୱାଟର ମ୍ୟାନେଜମେଣ୍ଟ

■ ସହରୀ ଲୋକଙ୍କ ଅପଚୟ ପାଣିରେ ବଢ଼ିବ ଭୂତଳ ଜଳସ୍ତର

■ ୩ ପର୍ଯ୍ୟାୟରେ କରାଯିବ ସଂଗ୍ରହ, ଡ୍ରେନ୍‌ରେ କମିବ ପାଣି ପ୍ରବାହ

**ଅନୁଗୋଳ, ୨୧।୭ (ଅମିତ କୁମାର ସାମଲ)**

ଅନୁଗୋଳ ସହରରେ ଭୂତଳ ଜଳସ୍ତର ବଢ଼ାଇବା ପାଇଁ ଅଭିନବ ଯୋଜନା ଆପଣାଯିବ। ଡ୍ରେନ୍‌ରେ ପ୍ରବାହିତ ପାଣି ଓ ଅପଚୟ ହେଉଥିବା ଜଳକୁ ରୋକି ଭୂତଳ ଜଳସ୍ତର ବଢ଼ାଇବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ହେଉଥିବା ଗ୍ରେ ୱାଟର ମ୍ୟାନେଜମେଣ୍ଟ ବ୍ୟବସ୍ଥାରେ ଅନୁଗୋଳ ପୌରପାଳିକାକୁ ସାମିଲ କରାଯାଇଛି। ଏପରି କି ଅନୁଗୋଳରେ ଏହାକୁ ପାଇଲଟ ପ୍ରୋଜେକ୍ଟ ଭାବେ କାର୍ଯ୍ୟକାରୀ କରିବାକୁ ସରକାରୀ ସ୍ତରରେ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ମିଳିଛି। ଏ ନେଇ ସହରରେ ସର୍ଭେ ଆରମ୍ଭ ହୋଇଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୧୨ଟି ୱାର୍ଡରେ ଏହା କାର୍ଯ୍ୟକାରୀ କରାଯିବ।

ଅନୁଗୋଳ ସହରବାସୀ ଶୌଚାଳୟ ପାଣି ସହ ଘରର ବାସନଧୁଆ, ଗାଧୁଆ, କପଡ଼ା ସଫା ପାଣି ଡ୍ରେନ୍‌କୁ ଛାଡ଼ୁଛନ୍ତି। ଫଳରେ ଏସବୁ ପାଣି ଡ୍ରେନ୍‌ରେ ଏଣେତେଣେ ବହି ନଷ୍ଟ ହୋଇଯାଉଛି। ତେବେ ଗ୍ରେ ୱାଟର ମ୍ୟାନେଜମେଣ୍ଟ ବ୍ୟବସ୍ଥାରେ ଏହି ପାଣିକୁ ୨ ଭାଗରେ ବିଭକ୍ତ କରାଯାଇଛି। ଶୌଚାଳୟ ପାଣିକୁ ବ୍ଲାକ ୱାଟର ଓ ଗାଧୁଆ, ବାସନଧୁଆ, ଲୁଗାସଫା ପାଣିକୁ ଗ୍ରେ ୱାଟର ତାଲିକାରେ ରଖାଯାଇଛି। ଏହି ଗ୍ରେ ୱାଟର ପାଣିକୁ କିଭଳି ମାଟି ତଳକୁ ପଠାଯାଇ ଜଳସ୍ତର ବଢ଼ାଯିବ ସେ ନେଇ ଏହି ନୂଆ ଯୋଜନାରେ ବ୍ୟବସ୍ଥା କରାଯାଇଛି। ପ୍ରଥମେ ହାଉସ ହୋଲ୍ଡ ଆର୍ଥାତ୍ ଯେଉଁ ଲୋକଙ୍କ ଘର ଅଗଣାରେ ଜାଗା ରହିଥିବ ସେଠାରେ ଏହାକୁ କାର୍ଯ୍ୟକାରୀ କରାଯିବ। ଘର ଅଗଣାରେ ଜାଗା ରହିଥିଲେ, ସେଠାରେ ୮ ଫୁଟ୍‌ର କୂଅ ଖୋଳି ପାଣିକୁ ଜମା କରାଯିବ। ଫଳରେ ଧୀରେ ଧୀରେ ଉକ୍ତ ପାଣି ମାଟି ତଳକୁ ଯାଇପାରିବ। ସେହିପରି ଲେନ୍ ଲେଭୁଲ୍ ମାଧ୍ୟମରେ ମଧ୍ୟ ଡ୍ରେନ୍ ପାଣି ଅନ୍ୟତ୍ର ଛଡାଯାଇ ସଂରକ୍ଷିତ ସହ ମାଟି ତଳକୁ ଛଡ଼ାଯିବାର ବ୍ୟବସ୍ଥା କରାଯିବ। ଏଥିପାଇଁ ଦୁଇ ପ୍ରକାର କୂଅ କରାଯିବ। ଗୋଟିଏ କୂଅରେ ପାଣିକୁ ଜମା କରିବାକୁ ଦିଆଯିବ। ଗୋଟିଏ କୂଅ ଭରିଯିବା ପରେ ଅନ୍ୟ କୂଅକୁ ପାଣି ଯିବ। ସେଠାରେ ପାଣି ଜମା ହୋଇ ତାହା ମାଟିରେ ମିଶିବ। ପ୍ରଥମ କୂଅରେ ଅଳିଆ ଭର୍ତ୍ତି ହେବା ପରେ ତାହାକୁ କଢ଼ାଯିବ। ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯିବା ପୂର୍ବରୁ ଡ୍ରେନଗୁଡ଼ିକରେ ଭି ନୋଚ୍ ଦିଆଯାଇ ଜଳସ୍ତର ମପାଯାଉଛି। ବର୍ଷା ହେଲେ କେତେ ପରିମାଣରେ ପାଣି ଡ୍ରେନ୍‌ରେ ଯାଉଛି ତାହା ମଧ୍ୟ ଅନୁଧ୍ୟାନ କରାଯାଉଛି। ଯେଉଁ ସ୍ଥାନରେ କମ୍ୟୁନିଟି ଲେଭୁଲ୍‌ରେ ୱେଷ୍ଟ ଲ୍ୟାଣ୍ଡ କରାଯିବ, ସେଠାରେ କେତେ ପରିମାଣର ପାଣିକୁ ମାଟି ଗ୍ରହଣ କରୁଛି, ତାହା ମଧ୍ୟ ପରୀକ୍ଷା କରାଯିବ। ଗତ ୧୦ ତାରିଖରୁ ଏ ନେଇ ସର୍ଭେ ଚାଲିଛି। ଆସନ୍ତା ୨ ମାସ ମଧ୍ୟରେ ଏହି ସର୍ଭେ ସମ୍ପୂର୍ଣ୍ଣ ହେବ ବୋଲି ପୌରପାଳିକା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଅନୁଗୋଳ ପୌରପାଳିକାର ୱାର୍ଡ ନଂ. ୧, ୪, ୫, ୯, ୧୦, ୧୪, ୧୬, ୧୮, ୧୯, ୨୦, ୨୧ ଓ ୨୩ରେ କରାଯିବ। ଏ ନେଇ ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ କହିଛନ୍ତି, ସହରରେ ଭୂତଳ ଜଳସ୍ତର ବୃଦ୍ଧି କରିବା ପାଇଁ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ। ମାଟିର ଆର୍ଦ୍ରତା ବୃଦ୍ଧି ପାଇବା ସହ ୱେଷ୍ଟ ଲ୍ୟାଣ୍ଡ ସ୍ଥାନରେ ଚାରା ରୋପଣ ମଧ୍ୟ କରାଯିବ। ଯେଉଁମାନେ ଡ୍ରେନ୍‌କୁ ଶୌଚଳାୟ ପାଣି ଛାଡ଼ିବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ପ୍ରଶାସନ ପକ୍ଷରୁ ସର୍ଭେ କାର୍ଯ୍ୟ କରାଯାଉଛି।

# କ୍ଷତି ପହଞ୍ଚାଉଥିବା ନେତୃତ୍ୱକୁ ଜବାବ ଦିଆଯିବ

**ବଣ୍ଟଁରପାଳ, ୨୧।୭ (ଉପେନ୍ଦ୍ର ରାଉତ)**

ତାଳଚେରରେ ଆନ୍ଦୋଳନ ଚାଲିଥିବା ଯୋଗୁ ନାଲ୍‌କୋର ଲିଙ୍କ୍‌ସ୍ଲରି ପ୍ରୋଜେକ୍ଟ ଜରିଆରେ ସିପିପିରୁ ପାଉଁଶ ପରିବହନ ହୋଇପାରୁ ନାହିଁ। ଏଥିସହ ଏମ୍‌ସିଏଲରୁ କମ୍ ଓ ନିମ୍ନମାନର କୋଇଲା ଆସୁଥିବାରୁ ନାଲ୍‌କୋ ସିପିପିର ୧୦ ୟୁନିଟ୍‌ରୁ କେତୋଟି ବନ୍ଦ ରହିଛି। ଫଳରେ ନାଲ୍‌କୋକୁ ଦୈନିକ ପ୍ରାୟ ୩ଶହ ୟୁନିଟ୍ ବିଦ୍ୟୁତ୍ କିଣିବାକୁ ପଡ଼ୁଛି। କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କ ଯୋଗୁ ବେଆଇନ ତଥା ଅହେତୁକ ଧର୍ମଘଟ କରାଯାଉଥିବାରୁ ନାଲ୍‌କୋ ସିପିପିରେ ଏପରି ଅଚଳାବସ୍ଥା ସୃଷ୍ଟି ହୋଇଛି ବୋଲି ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ନାଲ୍‌କୋ ଆଲୁମିନିୟମ ମଜଦୁର ସଂଘ ପକ୍ଷରୁ କୁହାଯାଇଛି। ସଂଘ କାର୍ଯ୍ୟାଳୟ ଠାରେ ଆୟୋଜିତ ଏହି ଖବରଦାତା ସମ୍ମିଳନୀରେ ସଂଘ ରାଜ୍ୟ ସାଧାରଣ ସମ୍ପାଦକ ବିନୟ ତ୍ରିପାଠୀ କହିଛନ୍ତି, ନିଜ ସ୍ୱାର୍ଥ ପାଇଁ ନାଲ୍‌କୋକୁ କ୍ଷତି ପହଞ୍ଚାଉଥିବା ନେତୃତ୍ୱକୁ ଆଗାମୀ ଦିନରେ କଡା ଜବାବ ଦିଆଯିବ। ଦରକାର ପଡ଼ିଲେ ରାଜ୍ୟ ସାରା ଭାରତୀୟ ମଜଦୁର ସଂଘ ରାସ୍ତାକୁ ଓହ୍ଲାଇବ। ଅନ୍ୟମାନଙ୍କ ମଧ୍ୟରେ ସଂଘ ସଭାପତି ମୁନା ସାମଲ, ସାଧାରଣ ସମ୍ପାଦକ ବିନୋଦ ସାମଲ, ପ୍ରକାଶ ସିଂହ, ସଞ୍ଜୟ ଦେହୁରୀ, ଖଗେଶ୍ୱର ଭୂତିଆ, ନେହେରୁ ସାହୁ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ସଂଘ କର୍ମକର୍ତ୍ତାମାନେ।

# ଗରିବଙ୍କୁ ସହଯୋଗ ଉପରେ ଗୁରୁତ୍ୱ ଦିଅ

**ବଇଣ୍ଡା, ୨୧।୭ (ପରିକ୍ଷିତ ସାହୁ)**

ଗ୍ରାମାଞ୍ଚଳରେ ରହୁଥିବା ଗରିବ ଶ୍ରେଣୀର ପରିବାର ଅନେକ ସମୟରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କୁ କିଭଳି ପ୍ରତ୍ୟେକ କ୍ଷେତ୍ରରେ ସହଯୋଗ ମିଳିବ ସେ ଦିଗରେ ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ଶୁକ୍ରବାର କିଶୋରନଗର ବ୍ଲକ ନୁନୁକାପଶି କଲ୍ୟାଣ ମଣ୍ଡପ ପରିସରରେ ବଇଣ୍ଡା ଅସହାୟ ସହାୟତା ସଂଘର ଲୋଗୋ ଉନ୍ମୋଚନ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ମତପ୍ରକାଶ କରିଛନ୍ତି। ସଂଘ ସଭାପତି ସଞ୍ଜୟ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ସୀତାଂଶୁ କୁମାର ରଥ ଯୋଗଦେଇ ଲୋଗୋ ଉନ୍ମୋଚନ କରିଥିଲେ। ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ ଗୁଣନିଧି ପ୍ରଧାନ, ସଂଘ ନିର୍ଦ୍ଦେଶକ ପ୍ରବୀଣ ସାହୁ, କୋଷାଧ୍ୟକ୍ଷ ରାମଚନ୍ଦ୍ର ପ୍ରଧାନ, ସଚ୍ଚିଦାନନ୍ଦ ପ୍ରଧାନ, କୈଳାଶ ଚନ୍ଦ୍ର ପାତ୍ର, ସୁକାନ୍ତ ରଣା, ଗଣପତି ସ୍ୱାଇଁ, ଉର୍ମିଳା ପ୍ରଧାନ, ବାଗଦେବୀ ପ୍ରଧାନ, ନୟନା ସାହୁ, ପଙ୍କଜିନୀ ପଣ୍ଡା, ବସନ୍ତ ଗଡ଼ନାୟକ ପ୍ରମୁଖ ଯୋଗ ଦେଇଥିଲେ। ସଂଘ ପକ୍ଷରୁ ଚାରାରୋପଣ କରାଯାଇଥିଲା। ସୁରେଶ ପ୍ରଧାନ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସମେତ ଅନ୍ୟମାନେ।

# ୩ ଚୋରି ଅଭିଯୁକ୍ତ ଗିରଫ

**ଅନୁଗୋଳ, ୨୧।୭ (ଅମିତ କୁମାର ସାମଲ)**

ଅନୁଗୋଳ ସଦର ଥାନା ଅଞ୍ଚଳରେ ଚୋରା କୋଇଲା କାରବାର ସମୟରେ ପୋଲିସ ୩ ଜଣଙ୍କୁ ମାଡି ବସିଛି। ସେମାନଙ୍କ ନିକଟରୁ ୧୮ଟି ବ୍ୟାଗରୁ ୫୦ କିଲୋ ଲେଖାଏ ଚୋରା କୋଇଲା ଓ ୩ଟି ମୋଟର ସାଇକେଲ ଜବତ କରାଯାଇଥିବା ଥାନା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ କୁମଣ୍ଡ ଅଞ୍ଚଳର ରଞ୍ଜନ ସାହୁ(୫୨), ଅଙ୍ଗାରବନ୍ଧ ଅଞ୍ଚଳର ବସନ୍ତ କୁମାର ଦାସ(୩୬) ଓ ପାତେଳି ଅଞ୍ଚଳର ଉପେନ୍ଦ୍ର ଦେହୁରୀ(୩୫)। ପୋଲିସ କହିଛି, ଗୋପାଳପ୍ରସାଦରୁ ଅନୁଗୋଳକୁ ଚୋରାରେ କୋଇଲା ଚାଲାଣ କରୁଥିବା ସମୟରେ ସଦର ପୋଲିସ ନତଡା ଅଞ୍ଚଳରେ ସେମାନଙ୍କୁ ମାଡି ବସିଥିଲା। ଏ ନେଇ ୪୦୯/୨୩ ମାମଲାରେ ରଞ୍ଜନ, ନଂ. ୪୧୦/୨୩ରେ ବସନ୍ତ ଓ ନଂ. ୪୧୧/୨୩ ମାମଲାରେ ଉପେନ୍ଦ୍ରଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି।

# ୧୫ ଦଫା ଦାବି ନେଇ ବିକ୍ଷୋଭ

**ବଣ୍ଟଁରପାଳ, ୨୧।୭ (ଉପେନ୍ଦ୍ର ରାଉତ)**

ହିନ୍ଦ୍ ମଜଦୁର ସଂଘ ଦ୍ୱାରା ସହବନ୍ଧିତ ନାଲ୍‌କୋ ପ୍ରୋଗ୍ରେସିଭ ଏମ୍ପ୍ଲୟିଜ ୟୁନିୟନ (ନେପୁ) ପକ୍ଷରୁ ୧୫ ଦଫା ଦାବି ନେଇ ନାଲ୍‌କୋ କାର୍ପୋରେଟ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ଗଣବିକ୍ଷୋଭ କରାଯାଇଥିଲା। ନେପୁ ସଭାପତି ତଥା ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ଓ ସାଧାରଣ ସମ୍ପାଦକ ବୈରାଗୀ ସେଠଙ୍କ ନେତୃତ୍ୱରେ ଏହି ବିକ୍ଷୋଭ ହୋଇଥିଲା। ନାଲ୍‌କୋ ସିଏମ୍‌ଡିଙ୍କ ଶ୍ରମିକ ମାରଣ ନୀତି ସହ ଅନ୍ୟାନ୍ୟ ଦାବିରେ ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଏହି ବିକ୍ଷୋଭ କରାଯାଇଥିଲା। ଏଥିରେ ୩୦୦ରୁ ଅଧିକ କର୍ମଚାରୀ ଯୋଗ ଦେଇଥିଲେ। ଆସନ୍ତା ୨୬ ତାରିଖରେ ୟୁନିୟନ ଓ ନାଲ୍‌କୋ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଏକ ଆଲୋଚନା ସଭା ଅନୁଷ୍ଠିତ ହେବ ବୋଲି ୟୁନିୟନ ପକ୍ଷରୁ କୁହାଯାଇଛି।




ନେପୁ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ବଦଳିଲେ ଅନୁଗୋଳ ପୌର ନିର୍ବାହୀ ଅଧିକାରୀ

**ଅନୁଗୋଳ, ୨୧।୭ (ଅମିତ କୁମାର ସାମଲ)**



ଅନୁଗୋଳ ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକଙ୍କ ଶୁକ୍ରବାର ବଦଳି ହୋଇଛି। ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଚିଠି ସଂଖ୍ୟା ୧୪୬୩୨/୨୧।୦୭।୨୦୨୩ରେ ତାଙ୍କର ବଦଳି କରାଯାଇଛି। ସେ ଗୃହ ଓ ନଗର ଉନ୍ନୟନ ବିଭାଗରେ ଯୋଗଦେବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ତେବେ ତାଙ୍କଠାରୁ କ୍ଷମତା ଅପସାରଣ କରି ସ୍ଥାନୀୟ ଅଧିକାରୀଙ୍କୁ ଡିଡିଓ କ୍ଷମତା ପ୍ରଦାନ କରିବାକୁ ଉକ୍ତ ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି। କିନ୍ତୁ ତାଙ୍କ ସ୍ଥାନରେ କୌଣସି ନୂତନ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇ ନ ଥିବା ଚିଠିରୁ ଜଣାପଡ଼ିଛି। ସୂଚନାଯୋଗ୍ୟ, ଅନୁଗୋଳ ପୌର ନିର୍ବାହୀ ଅଧିକାରୀ ଭାବେ ମଲ୍ଲିକ ଗତ ୨୦୨୦ ନଭେମ୍ବର ୨୭ରେ କାର୍ଯ୍ୟରେ ଯୋଗ ଦେଇଥିଲେ। ସେ ଯୋଗଦେବା ପରେ ଅନୁଗୋଳ ସହରର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଜୋର୍ ଧରିଥିଲା। ସେହିପରି ଜବରଦଖଲ ଉଚ୍ଛେଦକୁ ବଳ ମିଳିଥିଲା। ପୌରପାଳିକାର ଟିକସ ଫାଙ୍କୁଥିବା ବ୍ୟବସାୟୀଙ୍କ ଠାରୁ ଟିକସ ଆଦାୟ ହୋଇପାରୁଥିଲା। ଗତ ଜାନୁୟାରୀ ୨୩ରେ ତାଙ୍କର ଓଡ଼ିଶା ରାଜସ୍ୱ ସେବାରୁ ଓଡ଼ିଶା ପ୍ରଶାସନିକ ଅଧିକାରୀ ପଦବୀକୁ ପଦୋନ୍ନତି ହୋଇଥିଲା।

# ପରିଚୟ ପତ୍ର, ସହାୟତା ରାଶି ବଣ୍ଟନ

**ଛେଣ୍ଡିପଦା, ୨୧।୭ (ଅଜିତ ଧଳ)**

ଅନୁଗୋଳ ଜିଲା ଶ୍ରମ ବିଭାଗ ଓ ଜିଲା ପ୍ରଶାସନ ତରଫରୁ ଶୁକ୍ରବାର ପୂର୍ବାହ୍ନରେ କୋଶଳା କଲ୍ୟାଣ ମଣ୍ଡପଠାରେ ନିର୍ମାଣ ଶ୍ରମିକଙ୍କୁ ପରିଚୟ ପତ୍ର ଓ ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କୁ ସହାୟତା ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ଯୋଗ ଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷା ସୁମିତ୍ରା ସାହୁ, ଝରଣା ସ୍ୱାଇଁ, ଅନୁଗୋଳ ଉପଜିଲାପାଳ ବଇତୁରା ଦୀପ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଶ୍ରମ ଆୟୁକ୍ତ ଇତିଶ୍ରୀ ଗାଗରାଇ ସ୍ୱାଗତ ଭାଷଣ ଦେଇଥିଲେ। ସହକାରୀ ଶ୍ରମ ଅଧିକାରୀ ଦେବପ୍ରସାଦ ମହାନ୍ତି ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମରେ ୩୪୧ ଜଣ ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କୁ ମୋଟ୍ ୧ କୋଟି ୬୮ ଲକ୍ଷ ୮୭ ହଜାର ୮ଶହ ଟଙ୍କାର ସହାୟତା ପ୍ରଦାନ କରାଯାଇଥିଲା। ସେହିପରି ୩୫୦ ଜଣ ନିର୍ମାଣ ଶ୍ରମିକଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ସହକାରୀ ଶ୍ରମ ଅଧିକାରୀ ଦୀପ୍ତିମୟୀ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ଶ୍ରମିକ ସଙ୍ଗଠନର କର୍ମକର୍ତ୍ତା, ଜିଲା ଶ୍ରମ ବିଭାଗ କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି ଓ ସୁରକ୍ଷା କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।



ନିର୍ମାଣ ଶ୍ରମିକଙ୍କୁ ଅତିଥିମାନେ ସହାୟତା ରାଶି ପ୍ରଦାନ କରୁଛନ୍ତି।

# ଜେଏମ୍‌ଏଫ୍‌ସି ଅଦାଲତ ପ୍ରତିଷ୍ଠା ଉତ୍ସବ

**ଛେଣ୍ଡିପଦା, ୨୧।୭ (ଅଜିତ ଧଳ)**

ଛେଣ୍ଡିପଦା ସଦର ମହକୁମାରେ ଥିବା କନିଷ୍ଠ ବିଚାର ବିଭାଗୀୟ ଦେୱାନୀ ଅଦାଲତ (ଜେଏମ୍‌ଏଫ୍‌ସି କୋର୍ଟ)ର ୫ମ ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ଓକିଲ ସଂଘ ସଭାଗୃହଠାରେ ପାଳିତ ହୋଇଛି। ଆଇନଜୀବୀ ସଂଘ ସଭାପତି ନଗେନ ନନ୍ଦଙ୍କ ତତ୍ତ୍ୱାବଧାନରେ ମୁଖ୍ୟଅତିଥି ଭାବେ ବିଚାରପତି ଶୁଭଲକ୍ଷ୍ମୀ ପଟ୍ଟନାୟକ ଯୋଗଦେଇ ଅଦାଲତ କର୍ମଚାରୀ ଓ ଓକିଲ ମିଳିମିଶି କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ। ଆଇନଜୀବୀ ସଂଘ ଉପସଭାପତି ନକୁଳ ମାଝି, ସମ୍ପାଦକ ଶରତ ଚନ୍ଦ୍ର ପ୍ରଧାନ, ସହସମ୍ପାଦକ ନିକୁଞ୍ଜ କିଶୋର ପ୍ରଧାନ, କୋଷାଧ୍ୟକ୍ଷ ଅଶୋକ ଦିବେଦୀ, ଆଇନଜୀବୀ ଚିତ୍ତରଞ୍ଜନ ସାହୁ, ଭଜମନ ଗଡନାୟକ, ଲକ୍ଷ୍ମୀଧର ପ୍ରଧାନ, ଉତ୍କଳ ପ୍ରଧାନ, ଶିଶିର ବେହେରା, ଅଜୟ ବେହେରା, ଭୀମାକାନ୍ତ ଗଡ଼ନାୟକ, ପଦ୍ମଚରଣ ମାଝୀ, ଶିଶିର ବେହେରାଙ୍କ ସମେତ ସଂଘର ସମସ୍ତ ଆଇନଜୀବୀ ଉପସ୍ଥିତ ଥିଲେ।



ପ୍ରତିଷ୍ଠା ଉତ୍ସବ ଅବସରରେ ମଞ୍ଚାସୀନ ବିଚାରପତି ଓ ଅନ୍ୟ ଅତିଥିମାନେ।

# ସମସ୍ୟା ସମାଧାନ ନେଇ ପ୍ରତିଶ୍ରୁତି

**ତାଳଚେର, ୨୧।୭ (ମନୋଜ ନନ୍ଦ)**

ସମ୍ବଲପୁର ଜୋନ୍ ପୋଷ୍ଟ ମାଷ୍ଟର ଜେନେରାଲ ରିଜୁ ଗାଙ୍ଗୁଲି ଶୁକ୍ରବାର ତାଳଚେର ହାଟତୋଟାସ୍ଥିତ ଡାକଘର ପରିଦର୍ଶନରେ ଆସି ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ତାଳଚେର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ ପ୍ରତିନିଧିମଣ୍ଡଳୀ ଗାଙ୍ଗୁଲିଙ୍କୁ ସାକ୍ଷାତ କରି ତାଳଚେର ଠାରେ ମୁଖ୍ୟ କାର୍ଯ୍ୟାଳୟ କରିବା ସହିତ ପାସପୋର୍ଟ ସୁବିଧା, ବ୍ୟାଙ୍କିଙ୍ଗ, ଏଟିଏମ୍ ବ୍ୟବସ୍ଥା ଏବଂ ଅଞ୍ଚଳରେ ଥିବା ଅନ୍ୟ ଉପଡାକଘରର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ସମସ୍ୟା ଯଥାଶୀଘ୍ର ସମାଧାନ କରିବା ପାଇଁ ଗାଙ୍ଗୁଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଆଲୋଚନା ବେଳେ ଢେଙ୍କାନାଳ ଡିଭିଜନ ସୁପରିଣ୍ଟେଣ୍ଡେଣ୍ଟ ଜଗଦୀଶ ଦାସ, ତାଳଚେର ପୋଷ୍ଟାଲ ଇନ୍‌ସ୍ପେକ୍ଟର ରମେଶ ପ୍ରଧାନ, ପୋଷ୍ଟମାଷ୍ଟର ସତୀଶ ପଟେଲ ଉପସ୍ଥିତ ଥିଲେ। କ୍ରିୟାନୁଷ୍ଠାନ କମିଟି ତରଫରୁ ପୂର୍ବତନ ନଗରପାଳ କେଶବ ଭୂତିଆ, ରଞ୍ଜିତ ମହାପାତ୍ର, ଆଇନଜୀବୀ ବାଉରିବନ୍ଧୁ ବେଜ, ଉଚ୍ଛନ୍ନ ପଟ୍ଟନାୟକ, ହରେକୃଷ୍ଣ ପାତ୍ର, ଅଭୟ ପାଣି, ସୁକାନ୍ତ ଦାସ, ଚୈତନ୍ୟ ପ୍ରଧାନ, ଆନନ୍ଦ ଆଚାର୍ଯ୍ୟ, ହରେକୃଷ୍ଣ ମହାପାତ୍ର, ରାହାସ ଜେନା, ଅଶୋକ ସାମନ୍ତ, ସଞ୍ଜୀବ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।



ସମ୍ବଲପୁର ଜୋନ୍ ପୋଷ୍ଟ ମାଷ୍ଟର ଜେନେରାଲ ରିଜୁ ଗାଙ୍ଗୁଲିଙ୍କ ସହ ସାକ୍ଷାତ ପାଇଁ ଆସିଥିବା ପ୍ରତିନିଧି ମଣ୍ଡଳୀ।

# କେନ୍ଦ୍ରୀୟ ଗଣେଶ ପୂଜା କମିଟିର ପ୍ରସ୍ତୁତି

**ଅନୁଗୋଳ, ୨୧।୭ (ଅମିତ କୁମାର ସାମଲ)**

ଆଗାମୀ ଗଣେଶ ପୂଜା ନିମନ୍ତେ ଅନୁଗୋଳ କେନ୍ଦ୍ରୀୟ ଗଣେଶ ପୂଜା କମିଟିର ପ୍ରଥମ ବୈଠକ ଶୁକ୍ରବାର ଅମଲାପଡାସ୍ଥିତ ରାଧାକୃଷ୍ଣ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିସହ କମିଟିର କର୍ମକର୍ତ୍ତା ଚୟନ କରାଯାଇଛି। ଏହି ବୈଠକରେ ସହରରେ ଥିବା ୧୭ ଟି ପୂଜା କମିଟି ସଭାପତି ଓ ସମ୍ପାଦକ ଯୋଗ ଦେଇଥିଲେ। ଚଳିତ ବର୍ଷ କେନ୍ଦ୍ରୀୟ ଗଣେଶ ପୂଜା କମିଟି ସଭାପତି ଭାବେ ରଶ୍ମି ରଞ୍ଜନ ସାମଲ, କାର୍ଯ୍ୟକାରୀ ସଭାପତି ଭାବେ ସୂର୍ଯ୍ୟକାନ୍ତ ନନ୍ଦ, ଉପ ସଭାପତି ଭାବେ ଦେବବ୍ରତ ପ୍ରଧାନ, ପ୍ରଦ୍ୟୁମ୍ନ ସାହୁ, ସାଧାରଣ ସମ୍ପାଦକ ଭାବେ ଶିବାନୀ ଶଙ୍କର ଗୌଡ଼, କୋଷାଧ୍ୟକ୍ଷ ଭାବେ ସୁଶାନ୍ତ ସାମଲ, ସହ କୋଷାଧ୍ୟକ୍ଷ ଭାବେ ଆକାଶ ମହାରଣା, ସହ ସମ୍ପାଦକ ଭାବେ ବିମଳ ମୁଖୀ, ଦିପୁନ ବେହେରା, ମଳୟ କୁମାର ଗଡ଼ନାୟକ, ଅନୁପ କୁମାର ସାମଲ, ରବୀନ୍ଦ୍ର କୁମାର ସାହୁ ଓ ଉପଦେଷ୍ଟା ଭାବେ ସୁଶୀଲ କୁମାର ମୁଖୀ, ଦିବ୍ୟଦର୍ଶୀ ଦାଶ, ଦେବାଶିଷ ମିଶ୍ର, ଗୋପାଳ ଦାଶ, ଲୁଟୁ ରଞ୍ଜନ ଥାପାଙ୍କୁ ମନୋନୀତ କରାଯାଇଛି। ସେପ୍ଟେମ୍ବର ୧୯ରେ ପୂଜା ଆରମ୍ଭ ହୋଇ ୨୭ ତାରିଖରେ ମେଳଣ ଉତ୍ସବ ସହ ଭସାଣି ଅନୁଷ୍ଠିତ ହେବ। ଯେଉଁ ପୂଜା କମିଟି ମେଳଣରେ ଭାଗ ନେବେ ନାହିଁ, ସେହି କମିଟିଗୁଡିକ ତାଙ୍କ ସାହି ମଧ୍ୟରେ ସେପ୍ଟେମ୍ବର ୨୬ ତାରିଖ ଭିତରେ ଭସାଣି ଶେଷ କରିବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ପୂଜାର ଆଗାମୀ ରୂପରେଖ କ'ଣ ରହିବ ତାହା ଜିଲା ପ୍ରଶାସନ ସହ ଆଲୋଚନା ପରେ ଜଣାପଡିବ ବୋଲି କେନ୍ଦ୍ରୀୟ ଗଣେଶ ପୂଜା କମିଟି ତରଫରୁ ସୂଚନା ଦିଆଯାଇଛି।



ବୈଠକରେ ସାମିଲ ହୋଇଥିବା ପୂଜା କମିଟିଗୁଡ଼ିକର କର୍ମକର୍ତ୍ତାମାନେ।

**ଭଲି କୋର୍ଟରୁ ନେଇଗଲେ ହାଲୋଜିନ**

ଅନୁଗୋଳ, (ଅମିତ କୁମାର ସାମଲ): ତାଳଚେର ବ୍ଲକ ବିକ୍ରମପୁର ଏଫ୍‌ସିଆଇ ଥାନା ଗୋବରା ଗ୍ରାମରେ ଥିବା ଭଲି କୋର୍ଟରୁ ହାଲୋଜିନ ଲାଇଟ ଚୋରି ହୋଇଛି। ଏ ନେଇ ଗାଁ ସଭାପତି ରବି ନାରାୟଣ ପ୍ରଧାନ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୧୫୩/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ଗୋବରା ଗାଁର ପିଲାମାନେ ଭଲିବଲ ଖେଳିବାକୁ ୬ଟି ହାଲୋଜିନ ଲାଇଟ ଲଗାଯାଇଥିଲା। କିନ୍ତୁ ଦୁର୍ବୃତ୍ତମାନେ ୭୨ ହଜାର ଟଙ୍କାର ଲାଇଟ ଚୋରି କରି ନେଇଥିବା ଅଭିଯୋଗରେ ଦର୍ଶାଯାଇଛି।

## ସଂକ୍ଷେପରେ

### ବସ୍‌କୁ ୪ ଲକ୍ଷ ୯୮ ହଜାର ଜରିମାନା

ପାଲଲହଡା,୨୧।୭(ଦିବ୍ୟଜ୍ୟୋତି ଦାସ): ପରିବହନ ଆକ୍ଟ ଉଲ୍ଲଂଘନ କରିବା ଅଭିଯୋଗରେ ଗୁରୁବାର ସିଂହ ବାହିନୀ ନାମକ ଏକ ବସ୍‌କୁ ତାଳଚେର ପରିବହନ ଅଧିକାରୀ ମୋଟ୍ ୪ ଲକ୍ଷ ୯୮ ହଜାର ଟଙ୍କା ଜରିମାନା କରିଛନ୍ତି। ବସ୍‌ଟିକୁ ପାଲଲହଡା ଥାନାର ଜିମା ଦିଆଯାଇଛି। ଦୀର୍ଘଦିନରୁ ଏହି ବସ୍‌ଟି ପରିବହନ ଆଇନ ଉଲ୍ଲଂଘନ କରି ଆସୁଥିବାବେଳେ ଗୁରୁବାର ନୂତନ ମୋଟରଯାନ ଆଇନ ଅନୁଯାୟୀ ଜରିମାନା କଟାଯାଇଥିବା ତାଳଚେର ଆରଟିଓ ନିଖିଳ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି।

### ଅବକାରୀ ଚଢ଼ାଉ:୨ ଗିରଫ

ବଇଣ୍ଡା,୨୧।୭(ପରିକ୍ଷିତ ସାହୁ):ବଇଣ୍ଡା ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର କିଶୋରନଗର ବ୍ଲକ ହଣ୍ଡପା ଥାନା ଅଞ୍ଚଳରେ ଚଢ଼ାଉ କରାଯାଇ ଚୋରା ଦେଶୀ ମହୁଲି ମଦ ଜବତ କରାଯାଇଛି। ଏହି ଘଟଣାରେ କନ୍ଧରାମୁଣ୍ଡା ଗ୍ରାମର ସୁରେନ୍ଦ୍ର ସାହୁ ଏବଂ ରାଣୀଭୂଇଁ ଗ୍ରାମର ଈଶ୍ୱର ପ୍ରଧାନଙ୍କୁ ଗିରଫ କରାଯାଇଛି। ସେମାନେ ଘରେ ଚୋରାରେ ଦେଶୀ ମହୁଲି ବିକ୍ରି କରୁଥିବା ଖବରପାଇ ଆଠମଲ୍ଲିକ ଅବକାରୀ ଉପନିରୀକ୍ଷକ ଧରଣୀଧର ପ୍ରହରାଜ, ବଇଣ୍ଡା ଅବକାରୀ ଉପନିରୀକ୍ଷକ ରଞ୍ଜିତା ହରିଚନ୍ଦନ ପ୍ରମୁଖ ଚଢ଼ାଉ କରିଥିଲେ।

# ୮ ଦଫା ଦାବି ପୂରଣ ନ ହେଲେ ଆନ୍ଦୋଳନ



ଏମ୍‌ସିଏଲ୍ ଜଗନ୍ନାଥ କ୍ଷେତ୍ର ମହାପ୍ରବନ୍ଧକଙ୍କୁ ଘଣ୍ଟପଡା ପଞ୍ଚାୟତବାସୀଙ୍କ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ତାଳଚେର,୨୧।୭(ମନୋଜ ନନ୍ଦ)

ତାଳଚେର ବ୍ଲକ ଘଣ୍ଟପଡା ପଞ୍ଚାୟତବାସୀଙ୍କ ପକ୍ଷରୁ ୮ ଦଫା ସମ୍ବଳିତ ଦାବିପତ୍ର ଏମ୍‌ସିଏଲ୍ ଜଗନ୍ନାଥ କ୍ଷେତ୍ର ମହାପ୍ରବନ୍ଧକ ଅଶୋକ କୁମାର ଧଳଙ୍କୁ ପ୍ରଦାନ କରାଯିବା ସହ ଦାବି ସମ୍ପର୍କରେ ଆଲୋଚନା କରାଯାଇଛି। ଘଣ୍ଟପଡା ପଞ୍ଚାୟତକୁ ଏମ୍‌ସିଏଲ୍ ପୋଷ୍ୟ ଭାବେ ଗ୍ରହଣ କରୁ ବୋଲି ପୁନଃ ଦାବି ଉପସ୍ଥାପନା କରାଯିବା ସହ ୮ ଦଫା ଦାବି ପୂରଣ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା।

ପଞ୍ଚାୟତବାସୀଙ୍କ ପକ୍ଷରୁ ଦର୍ଶାଯାଇଛି, ଦୀର୍ଘ ୭୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଘଣ୍ଟପଡା ପଞ୍ଚାୟତ ଅଞ୍ଚଳ ମଧ୍ୟରେ ଏମ୍‌ସିଏଲ୍ କୋଇଲା ଉତ୍ତୋଳନ ସହିତ ବିଭିନ୍ନ ପ୍ରକାର ଅନୁଷ୍ଠାନ ନିର୍ମାଣ କରିଥିଲେ ମଧ୍ୟ ସ୍ଥାନୀୟ ଲୋକଙ୍କୁ ସ୍ଥାୟୀ/ଅସ୍ଥାୟୀ ନିଯୁକ୍ତି ଦେବାରେ ଅବହେଳା ପ୍ରଦର୍ଶନ କରୁଛି। ସିଏସ୍‌ଆର୍ ଯୋଜନାରେ କାର୍ଯ୍ୟ ଅହେତୁକ ବିଳମ୍ବ ହେଉଛି। ଏହାକୁ ନେଇ ପଞ୍ଚାୟତରେ ଅସନ୍ତୋଷ ଦେଖାଦେଇଛି। ତେଣୁ ପଞ୍ଚାୟତ ଦେଇ ତାଳଚେରରୁ ବାହାରୁଥିବା ସମସ୍ତ କୋଇଲା ବୋଝେଇ ରେଳ ଗାଡିରେ ପାଲଭିଡା ସହିତ ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି, ପଞ୍ଚାୟତ ଦାବି ଅନୁଯାୟୀ ସିଏସ୍‌ଆର୍ କାର୍ଯ୍ୟ ଶୀଘ୍ର କରାଯିବା, ଚାଚେରୀ ପୋଖରୀକୁ ଆଦର୍ଶ ପୋଖରୀ ସହିତ ସୌନ୍ଦର୍ଯ୍ୟକରଣ କରାଯିବା, ଚାଳଗଡ ଦିଗି ବନ୍ଧର ସୌନ୍ଦର୍ଯ୍ୟକରଣ, ଘଣ୍ଟପଡା ଗ୍ରାମରୁ ଷ୍ଟେଶନ ବସ୍ତି ରାସ୍ତାର ପୁନର୍ନିର୍ମାଣ ଆଦି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ତେବେ ପୂର୍ବରୁ ଦିଆଯାଇଥିବା ଦାବି ଉପରେ ବିଭାଗୀୟ ଅଧିକାରୀ ତଦାରଖ କରିବେ ବୋଲି ଆଲୋଚନା ବେଳେ ଜିଏମ୍ ପ୍ରତିଶ୍ରୁତି ଦେଇଥିଲେ। ଦାବିପତ୍ର ପ୍ରଦାନ ଓ ଆଲୋଚନା ବେଳେ ଘଣ୍ଟପଡା ସରପଞ୍ଚ ସସ୍ମିତା ବିଶ୍ୱାଳ, ସମିତି ସଭ୍ୟ କରୁଣାକର ସାହୁ, ୱାର୍ଡମେମ୍ବର ସୈରେନ୍ଦ୍ରୀ ସାହୁ, ରାଜୀବ ଦାସ, ରୁନି ସାହୁ, ପୂର୍ବତନ ସରପଞ୍ଚ ସୁନୀଲ ବିଶ୍ୱାଳ, ବିଭୁତି ସାହୁ, ଶିବାନନ୍ଦ ଅମ୍ବ, ସୁନୀଲ ପଟ୍ଟନାୟକ, ଅମୀୟରତ୍ନ ସାହୁ, ଜିନେସ ସାହୁ, ବିପିନ ସାହୁ, ନାରାୟଣ ସାହୁ, ବୁଲା ପ୍ରଧାନ, ସାତ୍ୱିକ ବେହେରା, ଲିପୁ ସାହୁ, ସିଲା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଡକାୟତ ଗ୍ୟାଙ୍ଗ୍ ସଦସ୍ୟ ଗିରଫ

ପାଲଲହଡା,୨୧।୭(ଦିବ୍ୟଜ୍ୟୋତି ଦାସ)

ପାଲଲହଡା ବଜାର ଏବଂ ଆଖପାଖ ଅଞ୍ଚଳରୁ ବାଇକ୍ ଡିକିଭାଙ୍ଗି ଚୋରି କରୁଥିବା ଏକ ଆନ୍ତଃରାଜ୍ୟ ଡକାୟତ ଗ୍ୟାଙ୍ଗର ଜଣେ ସଦସ୍ୟଙ୍କୁ ଗଞ୍ଜାମ ଜିଲା ଆସ୍କା ଅଞ୍ଚଳରୁ ଗିରଫ କରିଛି ପାଲଲହଡା ପୋଲିସ। ଗିରଫ ଅଭିଯୁକ୍ତ ହେଲେ ଗଞ୍ଜାମ ଜିଲା ଆସ୍କା ବସ୍‌ଷ୍ଟାଣ୍ଡ ଅଞ୍ଚଳର ଏ. ଅଜୟ ରାଓ। ଏ. ଅଜୟ ଜଣେ ସହଯୋଗୀଙ୍କ ସହ ମିଶି ଗତ ଜାନୁୟାରୀରେ ମୁନୀପାଳପୁର ଗ୍ରାମର କୁନି ପ୍ରଧାନଙ୍କ ଗାଡ଼ି ଡିକି ଭାଙ୍ଗି ୫୦ ହଜାର ଏବଂ ଫେବୃୟାରୀରେ ସମାନ ଢଙ୍ଗରେ ସ୍ଥାନୀୟ ମେଡିକାଲ ଛକ ନିକଟରୁ ଇଡି ଗ୍ରାମର ଫକୀର ମୋହନ ପ୍ରଧାନଙ୍କ ବାଇକ୍ ଡିକି ଭାଙ୍ଗି ୧ ଲକ୍ଷ ଟଙ୍କା ଚୋରି କରିନେଇଥିଲେ। ଏ ନେଇ ପାଲଲହଡା ଥାନାରେ ନଂ. ୩୮/୨୩ ଏବଂ ୧୪୭/୨୩ରେ ମାମଲା ରୁଜୁ ହୋଇଥିଲା। ଗିରଫ ଡକାୟତ ଗ୍ୟାଙ୍ଗର ସଦସ୍ୟମାନେ ଅନୁଗୋଳ ନାଲ୍‌କୋ ଅଞ୍ଚଳରେ ଏକ ଭଡାଘର ନେଇ ରହୁଥିଲେ ଏବଂ ଜିଲାର ବିଭିନ୍ନ ସ୍ଥାନରେ ଏପରି ଭାବେ ବାଇକ୍ ଡିକି ଭାଙ୍ଗି ଚୋରି କରୁଥିବା ପୋଲିସ ପ୍ରକାଶ କରିଛି।

# କୋଲ୍ ଇଣ୍ଡିଆ ଇଡି ସେଫ୍ଟିଙ୍କୁ ସମ୍ବର୍ଦ୍ଧନା

ତାଳଚେର,୨୧।୭(ମନୋଜ ନନ୍ଦ)

ତାଳଚେର ସେଣ୍ଟ ଜନ ଆମ୍ବୁଲାନ୍ସ ଏମ୍‌ସିଏଲ୍ ଆମ୍ବୁଲାନ୍ସ ଡିଭିଜନ ପକ୍ଷରୁ ଶୁକ୍ରବାର କୋଲ୍ ଇଣ୍ଡିଆ ନିର୍ବାହୀ ନିର୍ଦ୍ଦେଶକ (ଇଡି ସେଫ୍ଟି) ନାରାୟଣ ଦାସଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରାଯିବା ସହ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏମ୍‌ସିଏଲ୍ ଆମ୍ବୁଲାନ୍ସ ଡିଭିଜନ କମାଣ୍ଡର ଦୀନବନ୍ଧୁ ପ୍ରଧାନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜଗନ୍ନାଥ ଏରିଆ ସଭାଗୃହଠାରେ ଏହି ସମ୍ବର୍ଦ୍ଧନା ପ୍ରଦାନ ସହ ଅନୁଷ୍ଠାନ ବିଷୟରେ ଆଲୋଚନା କରିଥିଲେ। ଏହି ସାକ୍ଷାତ ଆଲୋଚନା ବେଳେ ଡିଭିଜନ ଅଧ୍ୟକ୍ଷ ତଥା ଜଗନ୍ନାଥ ଏରିଆ ମହାପ୍ରବନ୍ଧକ ଅଶୋକ କୁମାର ଧଳ, ଲିଙ୍ଗରାଜ ଏରିଆ ମହାପ୍ରବନ୍ଧକ ସୁବ୍ରତ ବିଶ୍ୱାଳ, ହିଙ୍ଗୁଳା ମହାପ୍ରବନ୍ଧକ ଅରୁଣ କୁମାର ସ୍ୱର୍ଣ୍ଣକାର, କଣିହାଁ ମହାପ୍ରବନ୍ଧକ କେ.କେ. ରାଉଳ, ତାଳଚେର ଏରିଆ ଭାରପ୍ରାପ୍ତ ମହାପ୍ରବନ୍ଧକ ଦାସରଥି ସାହୁ, ଭରତପୁର ଏରିଆ ଭାରପ୍ରାପ୍ତ ମହାପ୍ରବନ୍ଧକ ରାମଚନ୍ଦ୍ର ପ୍ରଧାନଙ୍କ ସହିତ ଏମ୍‌ସିଏଲ୍ କମ୍ପାନୀସ୍ତରୀୟ ଖଣି ସୁରକ୍ଷା ପରିଷଦ ସଦସ୍ୟ ସୌଭାଗ୍ୟ ପ୍ରଧାନ, ସୁଦର୍ଶନ ମହାନ୍ତି, କ୍ଷୀରୋଦ ବାରିକ ଏବଂ ଏରିଆ ସୁରକ୍ଷା ଅଧିକାରୀ ଦିବାକର ମାଝି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଆମ୍ବୁଲାନ୍ସ ଅଫିସର ହିମାଂଶୁ ଭୂଷଣ ପ୍ରଧାନ, ଚନ୍ଦନ ପ୍ରଧାନ, ଅକ୍ରମ ବାରିକ, ସୁଶାନ୍ତ ପାଣି, ଭୋଳେଶ୍ୱର ସାହୁ ଏବଂ ପ୍ରଶାନ୍ତ କୁମାର ଜେନା ଉପସ୍ଥିତ ଥିଲେ।



ସେଣ୍ଟ ଜନ ଆମ୍ବୁଲାନ୍ସ ଏମ୍‌ସିଏଲ୍ ଆମ୍ବୁଲାନ୍ସ ଡିଭିଜନ ପକ୍ଷରୁ ଇଡିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ବିଦ୍ୟାଳୟ ଛାତରୁ ଖସୁଛି କଂକ୍ରିଟ୍

ମାଧପୁର,୨୧।୭(ମନୋଜ ପ୍ରଧାନ)

ବର୍ଷା ହେଲେ ବିଦ୍ୟାଳୟ ଶ୍ରେଣୀଗୃହ ମଧ୍ୟରେ ପାଣି ଗଳୁଛି। ଛାତରୁ କଂକ୍ରିଟ ଖଣ୍ଡ ଖଣ୍ଡ ହୋଇ ଚଟାଣରେ ପଡୁଛି। ସେହିପରି ଆବଶ୍ୟକ ପରିମାଣର ଶ୍ରେଣୀ ଗୃହ ନ ଥିବାରୁ ଛାତ୍ରୀଛାତ୍ରମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଆଠମଲ୍ଲିକ ବ୍ଲକ କୁଦଗାଁ ପଞ୍ଚାୟତ ବିଜିପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ଏପରି ଅବସ୍ଥାକୁ ନେଇ ଅସନ୍ତୋଷ ଦେଖାଦେଇଛି।

ଗ୍ରାମବାସୀ କହିଛନ୍ତି, ଉକ୍ତ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୩୭ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। କିନ୍ତୁ ୫ଟି ଶ୍ରେଣୀ ପାଇଁ ଆବଶ୍ୟକ ମୁତାବକ ଶ୍ରେଣୀଗୃହ ନାହିଁ। ଯେଉଁ କେତେଟି ଶ୍ରେଣୀଗୃହ ଅଛି ତାହା ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ସାମାନ୍ୟ ବର୍ଷା ହେଲେ ଶ୍ରେଣୀଗୃହ ଭିତରେ ପାଣି ଗଳୁଛି। କଂକ୍ରିଟ ଖଣ୍ଡ ଖସିପଡୁଛି। ଏଥିଯୋଗୁ ୨ଟି ଶ୍ରେଣୀ ଗୃହରେ ୫ଟି ଶ୍ରେଣୀର ଛାତ୍ରୀଛାତ୍ର ବସାଇ ଶିକ୍ଷାଦାନ କରାଯାଉଛି। ତୁରନ୍ତ ଏହି ବିଦ୍ୟାଳୟରେ ଏକ ଶ୍ରେଣୀ ଗୃହ ନିର୍ମାଣ ସହ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଶ୍ରେଣୀଗୃହ ମରାମତି ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ସ୍ଥାନୀୟ କୁଦଗାଁ ସରପଞ୍ଚ ସିଦ୍ଧାର୍ଥ ଶଙ୍କର ଖେତୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହିତ ଆଠମଲ୍ଲିକ ବିଡିଓ ଏବଂ ବ୍ଲକ ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ସମ୍ପର୍କରେ ଆଠମଲ୍ଲିକ ବିଇଓ ଦାଶରଥୀ ଶୁଣ୍ଡୀଙ୍କ ସହ ଯୋଗାଯୋଗ ସମ୍ଭବ ନ ହେବାରୁ ମତାମତ ମିଳିପାରି ନାହିଁ।




# ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ଅନୁଗୋଳ, ୨୧।୭ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ଗୋପାଳପ୍ରସାଦ ଥାନା ଅନ୍ତର୍ଗତ କୁମୁଣ୍ଡା ଗାଁରେ ଶୁକ୍ରବାର ସକାଳେ ଅଘଟଣ ଘଟିଛି। ଗ୍ରାମର ପଙ୍କଜ ଲୋଚନ ପ୍ରଧାନ(୪୭)ଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପରିବାର ଲୋକେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ କହିଛି, ପଙ୍କଜ ଘରର ବିଦ୍ୟୁତ୍ ବୋର୍ଡ ମରାମତି କରୁଥିବାବେଳେ ଅସାବଧନତା କାରଣରୁ ଆଘାତ ପାଇଥିଲେ।

# ରାସ୍ତାରେ ହାତୀ, ଯାତାୟାତ ବାଧାପ୍ରାପ୍ତ



କୋଶଳା-ଛେଣ୍ଡିପଦା ୬୩ନଂ ରାଜ୍ୟ ରାଜପଥର ସରଳିୟା ପେଟ୍ରୋଲ ପମ୍ପ ପାଖ ଗୋଡିମରାଠାରେ ହାତୀ ରାସ୍ତା ପାର୍ ହେଉଛନ୍ତି।

ଛେଣ୍ଡିପଦା,୨୧।୭(ଅଜିତ ଧଳ)

ଛେଣ୍ଡିପଦା ସଂରକ୍ଷିତ ଜଙ୍ଗଲ ନିକଟ କୋଶଳା-ଛେଣ୍ଡିପଦା ୬୩ନଂ ରାଜ୍ୟ ରାଜପଥର ସରଳିୟା ପେଟ୍ରୋଲ ପମ୍ପ ପାଖ ଗୋଡିମରା ଜଙ୍ଗଲଠାରେ ଶୁକ୍ରବାର ୩ଟି ଦନ୍ତା ହାତୀ ରାସ୍ତା ଅତିକ୍ରମ କରିବାକୁ ଯାଇ ଦୀର୍ଘସମୟ ଧରି ଠିଆ ହୋଇ ରହିଥିଲେ। ଫଳରେ ପଥଚାରୀମାନେ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଖବରପାଇ ବନବିଭାଗ କର୍ମଚାରୀମାନେ ପହଞ୍ଚି ହାତୀଙ୍କୁ ଘଉଡାଇବା ପାଇଁ ଉଦ୍ୟମ କରିଥିଲେ। ପ୍ରାୟ ୧ ଘଣ୍ଟା ଧରି ରାସ୍ତା ଉପରେ ୩ ହାତୀ ରହିବାରୁ ଯାତାୟାତ ଠପ୍ ହେବା ସହ ଉଭୟ ପାର୍ଶ୍ୱରେ ବହୁ ଯାନବାହନ ଅଟକି ରହିଥିଲା। ପରେ ହାତୀପଲ ସନ୍ଧ୍ୟା ୫ଟାରେ କଙ୍କୁରପାଳ, କଣିଡିହ ଓ କରଡାବାହାଳ ଦିଗକୁ ଥିବା ଜଙ୍ଗଲ ଭିତରକୁ ଚାଲିଯାଇଥିଲେ। ଏହି ହାତୀଙ୍କୁ ଦେଖି ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ବନବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ଜଙ୍ଗଲ ପାଖ ଗ୍ରାମ ଗୁଡିକର ଜନସାଧାରଣଙ୍କୁ ସଚେତନ କରାଯାଇଛି। ହାତୀ ସ୍କ୍ୱାଡ୍ କର୍ମଚାରୀ ହାତୀଙ୍କ ଗତିବିଧି ଉପରେ ଲକ୍ଷ୍ୟ ରଖିଥିବା ଜଣାପଡିଛି।

# ଶିଶୁକନ୍ୟାଙ୍କୁ ପୋଷ୍ୟ ନେଲେ କେରଳ ଦମ୍ପତି



ଶିଶୁ କନ୍ୟାକୁ କେରଳ ଦମ୍ପତିଙ୍କୁ ହସ୍ତାନ୍ତର କରାଯାଉଛି।

ଢେଙ୍କାନାଳ, ୨୧।୭(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ଗୋବିନ୍ଦପୁରସ୍ଥିତ ମହର୍ଷି ଦୟାନନ୍ଦ ସର୍ଭିସ ମିଶନ ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ସଂସ୍ଥାରେ ଜଣେ ଅନ୍ତେବାସିନୀ ଶିଶୁକନ୍ୟାଙ୍କୁ ଶୁକ୍ରବାର କେରଳର ରେଖା ଭି ଓ ରମେଶ କୁମାର ଜୀ ପୋଷ୍ୟ ଗ୍ରହଣ କରିଛନ୍ତି। ଜିଲାପାଳ ସରୋଜ କୁମାର ସେଠୀଙ୍କ ନିର୍ଦ୍ଦେଶରେ କିଶୋର ନ୍ୟାୟ ଆଇନ ଅନୁଯାୟୀ ଅତିରିକ୍ତ ଜିଲାପାଳ ଉଦୟନାଥ ମହାପାତ୍ର ଦମ୍ପତିଙ୍କୁ ଶିଶୁ କନ୍ୟାକୁ ହସ୍ତାନ୍ତର କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ସହ ଅଧିକାରୀ ସୁବାସ ଚନ୍ଦ୍ର ମଲ୍ଲିକ, ଜିଲା ଶିଶୁ କଲ୍ୟାଣ ସମିତି ସଭ୍ୟ ବିଭୂତି ଭୂଷଣ ଦାସ, ତତ୍ତ୍ୱାବଧାରିକା ଶୈଳବାଳା ବେହେରା, ଅନୁଷ୍ଠାନର ସମ୍ପାଦକ ପ୍ରଦୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବର୍ଜ୍ୟବସ୍ତୁ ପରିଚାଳନା, ବିନିଯୋଗ ଉପରେ ଆଲୋକପାତ

ବଅଁରପାଳ,୨୧।୭ (ଉପେନ୍ଦ୍ର ରାଉତ)

କେନ୍ଦ୍ର ସରକାରଙ୍କ ଖଣି ଓ ଇସ୍ପାତ ମନ୍ତ୍ରାଳୟ ତରଫରୁ ବିଭିନ୍ନ କାରଖାନାରେ ଉତ୍ପନ୍ନ ହେଉଥିବା ବର୍ଜ୍ୟବସ୍ତୁର ଠିକ୍ ପରିଚାଳନା ପାଇଁ ଶୁକ୍ରବାର ନାଲ୍‌କୋଠାରେ ୧୧ ତମ ସ୍କ୍ରାପ ରିସାଇକ୍ଲିଂ ଓ ବର୍ଜ୍ୟବସ୍ତୁ ଉପଯୋଗ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କେନ୍ଦ୍ର ସରକାରଙ୍କ ଖଣି ମନ୍ତ୍ରାଳୟ ନିର୍ଦ୍ଦେଶକ ଆର.ପି. ଗୁପ୍ତା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ନାଲ୍‌କୋ ଉତ୍ପାଦନ ନିର୍ଦ୍ଦେଶକ ପଙ୍କଜ କୁମାର ଶର୍ମା, କେନ୍ଦ୍ର ସରକାରଙ୍କ ଖଣି ମନ୍ତ୍ରାଳୟର ଅଣ୍ଡର ସେକ୍ରେଟାରି ବିକାଶ ରାଜ, ଜେଏନ୍‌ଏଆର୍‌ଡିଡିସି ନିର୍ଦ୍ଦେଶକ ଡ. ଅନୁପମ ଅଗ୍ନିହୋତ୍ରୀ, ଏମ୍‌ଆର୍‌ଏଆଇ ଆଡଭାଇଜର ସତୀଶ କୋହଲି, ନାଲ୍‌କୋ ଏସ୍‌ଆଣ୍ଡପି କମ୍ପ୍ଲେକ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏ.କେ. ସ୍ୱାଇଁ ଉପସ୍ଥିତ ଥିଲେ। ବିଭିନ୍ନ ଶିଳ୍ପ ଓ କମ୍ପାନୀ ପ୍ରତିନିଧିଗଣ ତଥା ଆଇଜିଆଇଟି ଇଞ୍ଜିନିୟରିଂ କଲେଜ ଓ ଏସ୍‌ଭିଏମ ଏବଂ ଡିପିଏସ୍ ସ୍କୁଲର ଛାତ୍ରୀଛାତ୍ର, ନାଲକୋର ବରିଷ୍ଠ ଅଫିସର ଓ କର୍ମକର୍ତ୍ତାମାନଙ୍କୁ ଉଦ୍‌ବୋଧନ ଦେଇ ବକ୍ତାମାନେ ସାମ୍ପ୍ରତିକ ସ୍ଥିତିରେ ବିଭିନ୍ନ ପ୍ରକାର ବର୍ଜ୍ୟବସ୍ତୁ ପରିଚାଳନା ଓ ବିନିଯୋଗ ବିଷୟରେ ଆଲୋକପାତ କରିଥିଲେ। ଏହି ସମ୍ମିଳନୀରେ ବେଦାନ୍ତ, ନବଭାରତ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଉଚ୍ଚ ଅଧିକାରୀ ଏବଂ ମେଟାଲ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନର କର୍ମକର୍ତ୍ତମାନେ ପ୍ରତିନିଧିତ୍ୱ କରିଥିଲେ। ଏହି ଅବସରରେ ଉଚ୍ଚସ୍ତରୀୟ ଅଧିକାରୀଗଣ ନାଲ୍‌କୋ ସ୍ମେଲଟର ପ୍ଲାଣ୍ଟ ପରିଦର୍ଶନ କରିଥିଲେ। ଏକ ମିନି ବିଜ୍ଞାନ ମେଳାର ମଧ୍ୟ ଆୟୋଜନ କରାଯାଇଥିଲା। ଏଥିରେ ସରସ୍ୱତୀ ବିଦ୍ୟାମନ୍ଦିର, ଦିଲ୍ଲୀ ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀ ଓ ଆଇଜିଆଇଟି ସରାଙ୍ଗର ଇଞ୍ଜିନିୟରିଂ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ।



ସ୍କ୍ରାପ ରିସାଇକ୍ଲିଂ ଓ ବର୍ଜ୍ୟବସ୍ତୁ ଉପଯୋଗ ସମ୍ମିଳନୀକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।



ମାଙ୍କଡ଼ର ସ୍ନେହ: ଢେଙ୍କାନାଳ ଜିଲା ଭୁବନ ନୂଆ ବଜାରର ପୋଷାକ ବ୍ୟବସାୟୀ ଅମ୍ବୁଜ କୁମାର ସାହୁ ବାଇକ୍‌ରେ ଘରକୁ ଯାଉଥିବାବେଳେ ଏକ ହନୁମାଙ୍କଡ଼ ତାଙ୍କ ବାଇକ୍ ଉପରେ ଚଢ଼ିଯାଇଥିଲା। ଆକ୍ରମଣ କରିବା ବଦଳରେ ମାଙ୍କଡ଼ଟି ଦୀର୍ଘସମୟ ଧରି ଅମ୍ବୁଜଙ୍କୁ ଗେଲ କରିଥିଲା। ଏକ ଜଙ୍ଗଲୀ ମାଙ୍କଡ଼ର ଏଭଳି ସ୍ନେହ ସହରରେ ଚର୍ଚ୍ଚାର ବିଷୟ ପାଲଟିଛି। (ଫଟୋ-ବିପିନ)

# ଚଳିତବର୍ଷ ୧୮ ଲକ୍ଷ ବ୍ୟୟବରାଦ

ଢେଙ୍କାନାଳ, ୨୧।୭(ରତନ ନାୟାର)

**ମିନାବଜାରର ଲକ୍ଷ୍ମୀପୂଜା ପ୍ରସ୍ତୁତି**

ଢେଙ୍କାନାଳ ମିନାବଜାରସ୍ଥିତ ମଣ୍ଡପରେ ଶ୍ରୀ ମଉଡ଼ମଣି ରାଜଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ ପକ୍ଷରୁ ଚଳିତ ବର୍ଷ ହେବାକୁ ଥିବା ଲକ୍ଷ୍ମୀପୂଜା ପାଇଁ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ରବିନାରାୟଣ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ବୋର୍ଡ ଅଧ୍ୟକ୍ଷ ଲଳିତ କୁମାର ପଟ୍ଟନାୟକ ଉପସ୍ଥିତ ଦେଇ ଶୃଙ୍ଖଳିତ ପୂଜା ଆୟୋଜନ ଲାଗି କମିଟି କର୍ମକର୍ତ୍ତାଙ୍କ ପରାମର୍ଶ ଲୋଡ଼ିଥିଲେ। ୨୦୨୩-୨୪ ବର୍ଷ ପାଇଁ ଏକ ବଜେଟ୍ ସର୍ବସମ୍ମତି କ୍ରମେ ପ୍ରସ୍ତୁତ ହୋଇଛି। ଚଳିତ ବର୍ଷ ମା'ଙ୍କ ପୂଜାରେ ମୋଟ ୧୮ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ ବୋଲି ସ୍ଥିର କରାଯାଇଛି। ଏଥିସହ ନୂତନ ମନ୍ଦିର ନିର୍ମାଣ ସମ୍ପର୍କରେ ଆଲୋଚନା କରାଯାଇଛି। ସମ୍ପାଦକ ପୀତବାସ ସାହୁ ପୂର୍ବବର୍ଷର ଆୟବ୍ୟୟର ବିବରଣୀ ଉପସ୍ଥାପନ କରିଥିଲେ। ପରମ୍ପରା ଅନୁଯାୟୀ ରାଧାଷ୍ଟମୀରେ ମାଟି ଅନୁକୂଳ ହେବ ବୋଲି ନିଷ୍ପତ୍ତି ହୋଇଛି। କାର୍ଯ୍ୟକାରୀ ସଭାପତି ନିରୋଦ କୁମାର ସାହୁ, କୋଷାଧ୍ୟକ୍ଷ ଦୟାନିଧି ବେହେରାଙ୍କ ସମେତ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ।



ବୈଠକରେ ମିନାବଜାର ଲକ୍ଷ୍ମୀପୂଜା ପ୍ରତିଷ୍ଠାନର କର୍ମକର୍ତ୍ତାମାନେ।

# ବିବିଧ ଯାଞ୍ଚ କମିଟି ପକ୍ଷରୁ ଚଢ଼ାଉ

ବଇଣ୍ଡା,୨୧।୭(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ବଇଣ୍ଡା, ବାମୁର ଆଦି ଅଞ୍ଚଳରେ ଶୁକ୍ରବାର ବିବିଧ ଯାଞ୍ଚ କମିଟି ପକ୍ଷରୁ ଚଢ଼ାଉ କରାଯାଇଛି। କିଶୋରନଗର ତହସିଲଦାର ଶାନ୍ତିସ୍ୱରୂପ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ କିଶୋରନଗର ଅତିରିକ୍ତ ତହସିଲଦାର ଜିତେନ୍ଦ୍ର ବିଶ୍ୱାଳ, ଏସିଏଲ୍‌ଏମ ସୌମ୍ୟରଞ୍ଜନ ଘୋଷ, ଆଠମଲ୍ଲିକ ଉପଖଣ୍ଡ ଯୋଗାଣ ଅଧିକାରୀ ଶିବାସିସ ଜେନା, କିଶୋରନଗର ଯୋଗାଣ ଅଧିକାରୀ ରୁଷଭ ଚନ୍ଦ୍ର ନାୟକ, ହଣ୍ଡପା ପୋଲିସ ମିଳିତ ଭାବେ ଚଢ଼ାଉ କରିଥିଲେ। ଗଚ୍ଛିତ ଗ୍ୟାସ୍ କୋଠରୀ, ସିମେଣ୍ଟ ଇଟାଭାଟି, ବିଭିନ୍ନ ଓଜନ ସାମଗ୍ରୀ ଦୋକାନ ଗୁଡିକରେ ଚଢ଼ାଉ କରାଯାଇଥିଲା। ଏଥିରେ ୨୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବାବେଳେ ୧୯ଟି ବେଆଇନ ଗ୍ୟାସ ଟାଙ୍କି ଜବତ କରାଯାଇଛି।

# ଫାଇଲେରିଆମୁକ୍ତ ଜିଲା ଆହ୍ୱାନ

ଢେଙ୍କାନାଳ, ୨୧।୭(ରତନ ନାୟାର)

ଢେଙ୍କାନାଳ ଜିଲାରେ ସାମୂହିକ ଫାଇଲେରିଆ ନିରାକରଣ ଅଭିଯାନ ଆସନ୍ତା ଅଗଷ୍ଟ ୧୦ରୁ ୧୯ ତାରିଖ ଯାଏ ଚାଲିବ। ଏହାକୁ ସଫଳ କରିବା ସହ ଜିଲାକୁ ଫାଇଲେରିଆ ମୁକ୍ତ କରିବା ଲାଗି ଶୁକ୍ରବାର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଆନ୍ତଃ ଜିଲା ସମନ୍ୱୟ କମିଟି ସଚେତନତା ବୈଠକରେ ଆହ୍ୱାନ ଦିଆଯାଇଛି। ଏହି ଅବସରରେ ଡେଙ୍ଗୁ ଓ ଟିବି ରୋଗ ନିରାକରଣ, ଆମ ହସ୍ପିଟାଲ, କାୟାକଳ୍ପ ଆଦି ବିଷୟରେ ଆଲୋଚନା ହୋଇଥିଲା।

ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ ଯୋଗଦେଇଥିଲେ। ଜିଲାପାଳ ସରୋଜ କୁମାର ସେଠୀ ଏଥିରେ ଅଧ୍ୟକ୍ଷତା କରି, ସାମୂହିକ ଔଷଧ ସେବନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ମୋ ବ୍ଲକ, ମୋ ସ୍କୁଲ, ମୋ ପଞ୍ଚାୟତ ଓ ସ୍ୱାସ୍ଥ୍ୟ ମେଳା ସମେତ ବିଭିନ୍ନ ବୈଠକରେ ଲୋକଙ୍କୁ ସଚେତନ କରିବା ଉପରେ ସେ ଗୁରୁତ୍ୱ ପ୍ରଦାନ କରିଥିଲେ। ଡେଙ୍ଗୁ ଚିହ୍ନଟ ହେଲେ ସତର୍କତା ଅବଲମ୍ବନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ସିଡିଏମ୍‌ଓ ଡା. ଅଶୋକ କୁମାର ଦାଶ ନିୟମ ଅନୁଯାୟୀ ଫାଇଲେରିଆ ଔଷଧ ସମ୍ପୂର୍ଣ୍ଣ ନିରାପଦ ବୋଲି କରିଥିଲେ।

ଜିଲା ସ୍ୱାସ୍ଥ୍ୟ ମିଶନ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ, ରାଜ୍ୟ ଭେକ୍ଟରବାହିତ ରୋଗ ନିରାକରଣ ବିଭାଗର ସହକାରୀ ନିର୍ଦ୍ଦେଶକ ସୁବାଶିଷ ମହାନ୍ତି, ଜିଲା ଭେକ୍ଟର ବାହିତ ରୋଗ ପରାମର୍ଶଦାତା ତପନ କୁମାର ସାହୁ, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର, ଜିଲା ମୁଖ୍ୟ ଚିକିତ୍ସାଳୟ ଅଧୀକ୍ଷକ ଡା. ଜୟକୃଷ୍ଣ ନାୟକ, ଗ୍ରାମ୍ୟ ଜଳଯୋଗାଣ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସୁରେନ୍ଦ୍ର କୁମାର ବେହେରା, ରାଜ୍ୟ ଭେକ୍ଟର ବାହିତ ରୋଗ ପରାମର୍ଶଦାତା ଆଲୋକ ପତି, ଅଧିକାରୀ ଡା. ହିମାଂଶୁ ଶେଖର ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଜିଲା ପରିଷଦ ସଭାନେତ୍ରୀ, ଜିଲାପାଳଙ୍କ ସମେତ ଅନ୍ୟମାନେ।

# ଜଙ୍ଗଲ ଭିତରେ ଯାତନା

■୩ କି.ମି. ଜଙ୍ଗଲିଆ ରାସ୍ତା ପାର୍ ହେଲେ ସ୍କୁଲ

■ମୌଳିକ ସୁବିଧା ଅପେକ୍ଷାରେ ୭୦୦ ପରିବାର

ଜଙ୍ଗଲ ଭିତରେ ଯାତନା । ନା ଅଛି ରାସ୍ତା ନା ମିଳୁଛି ମୁନ୍ଦାଏ ବିଶୁଦ୍ଧ ପାଣି । ଘରୁ ପଦାକୁ ଗୋଡ଼ କାଢ଼ିଲେ ଜଙ୍ଗଲୀ ଜନ୍ତୁଙ୍କ ଭୟ। ସାମାନ୍ୟ ବର୍ଷାହେଲେ ବିଚ୍ଛିନ୍ନାଞ୍ଚଳର କଷ୍ଟ। ପାଠ ପଢ଼ିବାକୁ ଜୀବନକୁ ବିପଦରେ ପକାଇ ଜଙ୍ଗଲ ରାସ୍ତାରେ କୁନି ପାଦ ଚାଲୁଛି ମାଇଲ ମାଇଲ ବାଟ। କେବଳ ଭୋଟ ଆସିଲେ ଖୋଜାପଡ଼ନ୍ତି ଗ୍ରାମବାସୀ। ଅଜାଡ଼ନ୍ତି ଲୋଭନୀୟ ପ୍ରତିଶ୍ରୁତି। ଅକାଳେ ସକାଳେ ପ୍ରଶାସନିକ ଅଧିକାରୀ ଜାହିର କରନ୍ତି ସେମାନଙ୍କ ଉପସ୍ଥିତି। ହେଲେ ସମସ୍ୟା କଥା ଉଠାଇଲେ, ଆଜି ହେବ କାଲି ହେବ କହି ଭୁଲିଯାଆନ୍ତି। ଏଭଳି ସ୍ଥିତିରେ ଚକ୍ରଧରପୁର, ଜଗନ୍ନାଥପୁର ଅଞ୍ଚଳର ୭୦୦ ପରିବାର ଭାଗ୍ୟକୁ ଆଦରି ପଡ଼ିରହିଛନ୍ତି ଜଙ୍ଗଲ ଇଲାକାରେ।

ପରଜଙ୍ଗ, ୨୧।୭
(ନିଗମାନନ୍ଦ ଦଳବେହେରା)

ଜଙ୍ଗଲିଆ ରାସ୍ତାରେ ହାତୀ ଉପଦ୍ରବ। ବନ୍ୟଜନ୍ତୁଙ୍କ ଆକ୍ରମଣ ଭୟ। ହେଲେ ଏଭଳି ବିପଦ ମୁଣ୍ଡେଇ ବହିବସ୍ତାନି ଧରି ସ୍କୁଲ ମୁହାଁ ହେଉଛନ୍ତି କୋମଳମତି ପିଲା। କୌଣସି ଆଗପଛ ବିଚାର ନ କରି ସ୍କୁଲ ମିଶ୍ରଣ କରି ଦିଆଯିବା ପରେ ଶିକ୍ଷାକୁ ନେଇ ଏମିତି ସଂଘର୍ଷ କରୁଛନ୍ତି ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ବାରିହାପୁର ପଞ୍ଚାୟତ ଅଧୀନ ଚକ୍ରଧରପୁର ସାହିର ଛାତ୍ରୀଛାତ୍ର। ବ୍ଲକ କାର୍ଯ୍ୟାଳୟଠାରୁ ମାତ୍ର ୭ କି.ମି. ଦୂରରେ ଥିବା ଏହି ଅଞ୍ଚଳରେ ବିକାଶର ପ୍ରଦୀପ ଜଳାଇବା ପାଇଁ ଜନପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ସମୟ ନ ଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ।

ପରଜଙ୍ଗ ବ୍ଲକର ଅନ୍ୟତମ ହାତୀ ଉପଦ୍ରୁତ ଅଞ୍ଚଳ ଚକ୍ରଧରପୁର, ଜଗନ୍ନାଥପୁର। ମାତ୍ର ଗୋଟିଏ କିଲୋମିଟର ବ୍ୟବଧାନରେ ଥିବା ଦୁଇ ସାହିରେ ବାସ କରନ୍ତି ପ୍ରାୟ ୭୦୦ ପରିବାର। ହେଲେ ଅଦ୍ୟାବଧି ଉକ୍ତ ଦୁଇ ସାହିକୁ ପକ୍କା ସଡ଼କ ହୋଇପାରିନାହିଁ। ବର୍ଷା ହେଲେ ପାହାଡ଼ ପାଣି ମାଟି ରାସ୍ତାରେ ମାଡୁଛି। ଯାତାୟାତ ଠପ୍ ହୋଇଯାଉଛି। ବିଶୁଦ୍ଧ ପାଣି ସାତସପନ ହୋଇଥିବାବେଳେ ନଳକୂପରୁ ବାହାରୁଥିବା ଆଇରନ୍ ଯୁକ୍ତ ଜଳ ସ୍ୱାସ୍ଥ୍ୟହାନିର କାରଣ ସାଜୁଛି। ସ୍ୱାଧୀନତାର ଦୀର୍ଘ ୭ ଦଶନ୍ଧି ପରେ ବି ଅଞ୍ଚଳବାସୀ ମୌଳିକ ସୁବିଧାରୁ ବଞ୍ଚିତ ହୋଇ ରହିଛନ୍ତି। କେବଳ ଏତିକି ନୁହେଁ, ଶିକ୍ଷା ବିଭାଗର ବିଚିତ୍ର ନୀତି ପାଇଁ କୋମଳପତି ପିଲାମାନେ ପାଠ ପଢ଼ିବା ଲାଗି ସଂଘର୍ଷ କରୁଛନ୍ତି। ପୂର୍ବରୁ ଦୁଇ ସାହିରେ ଦୁଇଟି ପ୍ରାଥମିକ ବିଦ୍ୟାଳୟ ରହିଥିଲା। ତେବେ ଉପସ୍ଥାନ କମ୍ ଥିବା ଦର୍ଶାଇ ଚକ୍ରଧରପୁର ସ୍କୁଲକୁ ବନ୍ଦ କରିଦିଆଯାଇଛି। ଜଗନ୍ନାଥପୁର ବିଦ୍ୟାଳୟ ଯିବାକୁ ହେଲେ ହାତୀ ଚଳପ୍ରଚଳ କରୁଥିବା ଘଞ୍ଚ ଜଙ୍ଗଲ ଅତିକ୍ରମ କରିବାକୁ ପଡ଼ିବ। ଜୀବନ ପ୍ରତି ବିପଦ ଥିବାରୁ ଚକ୍ରଧରପୁର ସାହିର ପିଲାମାନେ ବାଧ ହୋଇ ୩ କି.ମି. ଜଙ୍ଗଲ ରାସ୍ତା ଅତିକ୍ରମ କରି ବରିହାପୁରକୁ ଆସୁଛନ୍ତି। ତଥାପି ସେମାନଙ୍କ ସମସ୍ୟା ସରୁନାହିଁ। ଲଗାଣବର୍ଷା ହେଲେ ବଣରୁ ଖସୁଥିବା ପାଣିରେ ରାସ୍ତା ବୁଡ଼ିଯାଉଛି। ପାଣି କମିବା ଯାଏ ସେମାନଙ୍କୁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି। କେବଳ ଏତିକି ନୁହେଁ, ରାତିରେ ଜରୁରୀ ସ୍ୱାସ୍ଥ୍ୟସେବା ଆବଶ୍ୟକ ହେଲେ ଲୋକଙ୍କ ଚିନ୍ତା ବଢ଼ିଯାଉଛି। ବର୍ଷ ବର୍ଷ ଧରି ଏଭଳି ସମସ୍ୟାରେ ଛନ୍ଦି ହୋଇପଡ଼ିଥିବା ଗ୍ରାମବାସୀ ଏଥିପାଇଁ ପ୍ରଶାସନିକ ଅବହେଳା ଏବଂ ନିର୍ବାଚିତ ପ୍ରତିନିଧିଙ୍କ ଅପାରଗତାକୁ ଦାୟୀ କରିଛନ୍ତି। ତେଣୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ, ବସୁଧା ଯୋଜନାରେ ପାନୀୟ ଜଳ ପ୍ରକଳ୍ପ, ବନ୍ଦ ଥିବା ସ୍କୁଲ ପୁନର୍ବାର ଆରମ୍ଭ କରିବା ଦିଗରେ ଜିଲାପାଳ ପଦକ୍ଷେପ ନେବା ପାଇଁ ସେମାନେ ଦାବି କରିଛନ୍ତି। ସମସ୍ୟା ସମାଧାନ ପ୍ରତି ଦୃଷ୍ଟି ଦିଆ ନ ଗଲେ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯିବା ସହ ଭୋଟ ବର୍ଜନ କରିବେ ବୋଲି ହିମାଂଶୁ ବାରିକ, ସୁଦାମ ସାମଲ, ହେମନ୍ତ ସାହୁ, ଅଜୟ ସାମଲ, ଟୁକୁନା ସାମଲ, ସାଧୁ ମାଝି, ସିପୁନ ସାମଲ, ସୁରଥ ସାମଲ ପ୍ରମୁଖ ଚେତାବନୀ ଦେଇଛନ୍ତି।

ଏ ସଂକ୍ରାନ୍ତରେ ବିଡିଓ ସଂଗ୍ରାମ କେଶରୀ ଭୋଳ କୁହନ୍ତି, ବିଭାଗୀୟ ଯନ୍ତ୍ରୀଙ୍କ ସହ ଆଲୋଚନା କରି ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯିବ। ପକ୍କା ରାସ୍ତା କିପରି ହୋଇପାରିବ, ସେ ଦିଗରେ ଦୃଷ୍ଟି ଦିଆଯିବ। ଶିକ୍ଷା ସମସ୍ୟାର ସମାଧାନ ଲାଗି ବିଇଓଙ୍କ ସହ ଆଲୋଚନା କରାଯିବ। ବିଇଓ ହରିହର ଦେହୁରୀ କୁହନ୍ତି, ପିଲା ସଂଖ୍ୟା କମ୍ ଥିବାରୁ ଚକ୍ରଧରପୁର ସ୍କୁଲ ବନ୍ଦ କରାଯାଇଥିଲା। ଏବେ ଛାତ୍ରୀଛାତ୍ର ସଂଖ୍ୟା ବଢ଼ିଛି। ଏ ନେଇ ସରକାରଙ୍କୁ ଦସ୍ତଖତ ସମ୍ବଳିତ ଦାବିପତ୍ର ପଠାଯାଇଛି। ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ ଆସିଲେ ସ୍କୁଲ ଖୋଲାଯିବ।


ଚକ୍ରଧରପୁର ସାହିର ପିଲାମାନେ ପାଠ ପଢ଼ିବାକୁ ଜଙ୍ଗଲ ରାସ୍ତାରେ ବାରିହାପୁର ଯାଉଛନ୍ତି।

# ଶ୍ରୀମୂଳା ସ୍ୱାସ୍ଥ୍ୟକେନ୍ଦ୍ରକୁ 'କାୟାକଳ୍ପ'

ଢେଙ୍କାନାଳ, ୨୧।୭(ରତନ ନାୟାର)

ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଗାଇଡ୍‌ଲାଇନ ଅନୁଯାୟୀ ସ୍ୱଚ୍ଛତା ରକ୍ଷା, ସଂକ୍ରମଣରୁ ସୁରକ୍ଷା ଏବଂ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି କାମାକ୍ଷାନଗର ବ୍ଲକ ଶୋଭା ଅନୁଷ୍ଠାନ ଦ୍ୱାରା ପରିଚାଳିତ ଶ୍ରୀମୂଳା ସ୍ୱାସ୍ଥ୍ୟକେନ୍ଦ୍ରକୁ ୪ର୍ଥ ଥର ପାଇଁ ମିଳିଛି କାୟାକଳ୍ପ ପୁରସ୍କାର। ସେହିପରି ସ୍ୱାସ୍ଥ୍ୟାନୁଷ୍ଠାନକୁ ସମ୍ମାନଜନକ ଜାତୀୟ ଗୁଣବତ୍ତା ନିଶ୍ଚିତତା ମାନକ (ଏନ୍‌କ୍ୟୁଏଏସ୍) ପ୍ରମାଣପତ୍ର ମଧ୍ୟ ପ୍ରଦାନ କରାଯାଇଛି, ଯାହା ଜିଲାରେ ପ୍ରଥମ। ଢେଙ୍କାନାଳ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଶୁକ୍ରବାର ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଡା. ଶ୍ରାବଣୀ ଶାମୁକା ରଥ, 'ଶୋଭା'ର ନିର୍ଦ୍ଦେଶକ ଉଦୟେନ୍ଦୁ ମିଶ୍ର ମିଳିତ ଭାବେ ଏହି ପୁରସ୍କାର ଗ୍ରହଣ କରିଥିଲେ। ଲାବୋରେଟୋରି, ଔଷଧ ବିତରଣ କେନ୍ଦ୍ର, ଓପିଡି, ଲେବର ରୁମ୍, ଟଏଲେଟ୍, ବର୍ଜ୍ୟବସ୍ତୁ ପରିଚାଳନା, ପାନୀୟଜଳ, ସ୍ୱଚ୍ଛତା, ଷ୍ଟାଫ୍ କ୍ୱାର୍ଟର୍ସ, ଜାତୀୟ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟାନ୍ୱୟନ, କର୍ମଚାରୀ ନିଯୁକ୍ତି ସମ୍ପର୍କିତ ଯାଞ୍ଚ ବେଳେ ଜାତୀୟ ଗୁଣବତ୍ତା ମାନ ଯାଞ୍ଚ କମିଟିର କେନ୍ଦ୍ରୀୟ ପ୍ରତିନିଧି ସନ୍ତୋଷ ବ୍ୟକ୍ତ କରିଥିଲେ।

କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ, ଜିଲାପାଳ ସରୋଜ କୁମାର ସେଠୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାସ, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. ଜ୍ୟୋତିଷ କୁମାର ମହାପାତ୍ରଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ।


ଶ୍ରୀମୂଳା ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ପୁରସ୍କାର ପ୍ରଦାନ କରାଯାଉଛି।

# 'ସମ୍ବିଧାନ ମାନବାଧିକାର ସୁରକ୍ଷାର ମୂଳସୂତ୍ର'

ଢେଙ୍କାନାଳ, ୨୧।୭(ରତନ ନାୟାର)

**୩ୟ ପ୍ରଶାନ୍ତ ମିଶ୍ର ସ୍ମାରକୀ ବକ୍ତୃତାମାଳା**

ଭାରତୀୟ ସମ୍ବିଧାନ ନାଗରିକ ଓ ମାନବାଧିକାର ସୁରକ୍ଷାର ମୂଳସୂତ୍ର ବୋଲି ସ୍ଥାନୀୟ କାଠଗଡ଼ା ସମତା ନଗରସ୍ଥିତ ଗାନ୍ଧୀ ଅଧ୍ୟୟନ କେନ୍ଦ୍ର ପରିସରରେ ୟୁସୁଫ୍ ମେହରଲି ସେଣ୍ଟର ସହଯୋଗରେ ଅନୁଷ୍ଠିତ ୩ୟ ପ୍ରଶାନ୍ତ ମିଶ୍ର ସ୍ମାରକୀ ବକ୍ତୃତାମାଳାରେ ଯୋଗଦେଇଥିବା ଅତିଥି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି।

ଦୁଇଦିନ ଧରି ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ସ୍ଥାନରୁ ବହୁ ଯୁବକର୍ମୀ, ବୁଦ୍ଧିଜୀବୀ, ଗଣତନ୍ତ୍ର ପ୍ରତିନିଧିମାନେ ଯୋଗଦେଇ ଲୋକ ସେବକ ତଥା ସାମାଜିକ କର୍ମୀ ପ୍ରଶାନ୍ତ ମିଶ୍ରଙ୍କ ସ୍ମୃତିଚାରଣ କରିଥିଲେ। ରାଜନୀତି ଶାସ୍ତ୍ର ଅଧ୍ୟାପକ ବିଜୟ ବହିଦାର, ସାମ୍ବିଧାନିକ ମୂଲ୍ୟବୋଧ, ନୈତିକ ସମାଜ ଓ ଭବିଷ୍ୟତ ରାଜନୀତି ଉପରେ ସ୍ପଷ୍ଟ ମତ ରଖି କହିଲେ, ସମ୍ବିଧାନ ଏକ ରାଷ୍ଟ୍ର ପ୍ରତିଶ୍ରୁତି । ଜନଗଣଙ୍କ ଆଶା ଓ ଆକାଂକ୍ଷାର ଏହା ଏକ ଆଧାର। ଗୁରୁବାର ଦ୍ୱିତୀୟ ଦିବସ ବକ୍ତୃତାମାଳାର ବିଭିନ୍ନ ଅଧିବେଶନରେ ବରିଷ୍ଠ ଶିକ୍ଷାବିତ୍ ଡ. ଭବାନୀ ଶଙ୍କର ମିଶ୍ର, ଅଧ୍ୟାପକ ଅଟଳ ବିହାରୀ ଦାସ, ଗବେଷକ ଅନ୍ତର୍ଯ୍ୟାମୀ ରଥ, ସାମାଜିକ କର୍ମୀ ମିନତି ବେହେରା, ଆଇନଜୀବୀ ଧରିତ୍ରୀ ମଲ୍ଲିକ, ପ୍ରଫେସର ଦେବେନ୍ଦ୍ର ମିଶ୍ର, ଅବସରପ୍ରାପ୍ତ ବିଚାରପତି ଭିକାରୀ ଚରଣ ରାଉତ, ସାମାଜିକ କର୍ମୀ ଗିରିଜା ପ୍ରସାଦ ନାୟକ, ପ୍ରଦୀପ କୁମାର ସାହୁ, ବାମଦେବ ପରିଡା, ଜିତେନ୍ଦ୍ର କୁମାର, ଗୌତମ ପାତ୍ର ପ୍ରମୁଖ ନିଜସ୍ୱ ମତ ଉପସ୍ଥାପନ କରିଥିଲେ। ଗାନ୍ଧୀ ଅଧ୍ୟୟନ କେନ୍ଦ୍ର ସଭାପତି ପ୍ରଫେସର ଭବାନୀ ଶଙ୍କର ମିଶ୍ର, କାର୍ଯ୍ୟକାରୀ ସଭାପତି ସରୋଜ ଶତପଥୀ, କଲ୍ୟାଣ ଆନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସମ୍ପାଦକ ଅରବିନ୍ଦ ମିଶ୍ର ଓ ପ୍ରଫୁଲ୍ଲ ମହାନ୍ତି ଏଥିରେ ସହାୟତା କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ଟାଟା ଷ୍ଟିଲ୍‌କୁ ସିଆଇଆଇ ଜାତୀୟ ପୁରସ୍କାର


କମ୍ପାନୀ ଅଧିକାରୀମାନେ ପୁରସ୍କାର ଗ୍ରହଣ କରୁଛନ୍ତି।

ଢେଙ୍କାନାଳ, ୨୧।୭(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ନରେନ୍ଦ୍ରପୁରସ୍ଥିତ ଟାଟା ଷ୍ଟିଲ୍ ମେରାମଣ୍ଡଳୀକୁ ପରିବେଶ ଶ୍ରେଷ୍ଠ ଅଭ୍ୟାସ–୨୦୨୩ ପାଇଁ ସିଆଇଆଇ ଜାତୀୟ ପୁରସ୍କାର ମିଳିଛି । ପେଲେଟ୍‌ରେ ଏଲ୍‌ଡି ସ୍ଲଜର ଦୀର୍ଘସ୍ଥାୟୀ ଉପଯୋଗ ପ୍ରକଳ୍ପ ପାଇଁ ଏହି ପୁରସ୍କାର ମିଳିଛି। ପୁରସ୍କାରର ୧୦ମ ସଂସ୍କରଣରେ ଏହାକୁ ସବୁଠୁ ଅଭିନବ ପ୍ରକଳ୍ପର ମାନ୍ୟତା ପ୍ରଦାନ କରାଯାଇଛି। ପୁନେଠାରେ ଆୟୋଜିତ ଏକ ଭବ୍ୟ କାର୍ଯ୍ୟକ୍ରମରେ କମ୍ପାନୀର ଇଣ୍ଡଷ୍ଟ୍ରିଆଲ ବାଇପ୍ରଡକ୍ଟ ମ୍ୟାନେଜମେଣ୍ଟ ଡିଭିଜନର ମାର୍କେଟିଂ ଓ ସେଲ୍ସ ମୁଖ୍ୟ ଅମିତ ରଞ୍ଜନ, ମାର୍କେଟିଂ ଆଣ୍ଡ ବିଜ୍‌ନେସ୍ ଡେଭେଲପ୍‌ମେଣ୍ଟ ମୁଖ୍ୟ ରୀତେଶ କୁମାର, କମ୍ପାନୀର ସେଲ୍ସ ଓ ନ୍ୟୁ ବିଜ୍‌ନେସ ଡେଭେଲପମେଣ୍ଟର ବରିଷ୍ଠ ପ୍ରବନ୍ଧକ ସୁଶୋଭନ ଘୋଷାଲ ଏହି ପୁରସ୍କାର ଗ୍ରହଣ କରିଥିଲେ।

ଇସ୍ପାତ ଉତ୍ପାଦନ ସମୟରେ ନିର୍ଗତ ବର୍ଜ୍ୟ ଏଲ୍‌ଡି ସ୍ଲଜରେ ଜିଙ୍କ୍ ମାତ୍ରା ଅଧିକ ଥାଏ। ଏହାକୁ ପୁନଃ ବ୍ୟବହାର କରିବା କଷ୍ଟକର। ତେବେ କମ୍ପାନୀ ପକ୍ଷରୁ ଅଭିନବ ପଦ୍ଧତିରେ ପେଲେଟ୍ ଉତ୍ପାଦନ ପ୍ରକ୍ରିୟାରେ ଏଲ୍‌ଡି ସ୍ଲଜକୁ ଅନ୍ତର୍ଭୁକ୍ତ କରି ଏହାର ପରିଚାଳନା କରାଯାଉଛି। ଫଳରେ ପରିବେଶ ଉପରେ ଏହାର ପ୍ରଭାବ ହ୍ରାସ ପାଇବ। ଟାଟା ଷ୍ଟିଲ୍ ମେରାମଣ୍ଡଳୀ ଅପରେଶନ ଏବଂ ନ୍ୟୁ ମେଟେରିଆଲ ବିଜ୍‌ନେସ୍ ଓ ଗ୍ରାଫିନ୍ ଉପସଭାପତି ସୁବୋଧ ପାଣ୍ଡେ କହିଛନ୍ତି, ଇସ୍ପାତ ନିର୍ମାଣରେ ଅଭିନବତ୍ୱ ଓ ସ୍ଥାୟିତ୍ୱ ଉପରେ କମ୍ପାନୀର ପ୍ରୟାସକୁ ଏହି ପୁରସ୍କାର ସ୍ୱୀକୃତି ଦେଇଛି। ଭାରତର ଇସ୍ପାତ ଶିଳ୍ପର ସବୁଜ ଭବିଷ୍ୟତକୁ ଏହାକୁ ଉତ୍ସର୍ଗ କରୁଛୁ।

# ବ୍ୟାଙ୍କ ଅଫ୍ ବରୋଦାର ପ୍ରତିଷ୍ଠା ଦିବସ

ଢେଙ୍କାନାଳ, ୨୧।୭(ରତନ ନାୟାର)

ଢେଙ୍କାନାଳସ୍ଥିତ ବ୍ୟାଙ୍କ ଅଫ୍ ବରୋଦାର ୧୧୬ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଶାଖାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ପ୍ରବନ୍ଧକ ସଂଗ୍ରାମ କେଶରୀ ବେହେରା ଉପସ୍ଥିତ ରହି ଉତ୍ତମ ସେବା ଯୋଗାଇ ଦେବା ଲାଗି କର୍ମଚାରୀଙ୍କୁ ଶପଥପାଠ କରାଇଥିଲେ। ଷ୍ଟେଶନ ରୋଡ୍‌ସ୍ଥିତ ରାମଦେବ ରାମଜୀ ବିଦ୍ୟାଳୟରେ ଏକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବ୍ୟାଙ୍କ ପକ୍ଷରୁ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରିଚାଳିକା ପ୍ରିୟଙ୍କା ପଟ୍ଟନାୟକ ବ୍ୟାଙ୍କିଙ୍ଗ୍ ସେବା ନେଇ ଛାତ୍ରୀଛାତ୍ରଙ୍କୁ ମୂଲ୍ୟବାନ୍ ପରାମର୍ଶ ଦେଇଥିଲେ। ଅପରାହ୍ନରେ ମୁଖ୍ୟ ଶାଖା ଓ କୁଞ୍ଜକାନ୍ତ ଶାଖାର ମିଳିତ ଉଦ୍ୟମରେ ସଦର ବ୍ଲକ ଗୋବିନ୍ଦପୁରସ୍ଥିତ ଜୀବନଜ୍ୟୋତି ଅନଗ୍ରସର ବିଦ୍ୟାଳୟରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସ୍କୁଲକୁ ୫ଟି ଫ୍ୟାନ୍ ପ୍ରଦାନ କରାଯାଇଥିଲା। ମୁଖ୍ୟ ପରିଚାଳକ ସଂଗ୍ରାମ କେଶରୀ ବେହେରା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭେନ୍ଦୁ କୁମାର ଖୁଣ୍ଟିଆ, ବରିଷ୍ଠ ପରିଚାଳକ ସନ୍ଦୀପ ମହାରଣା ଉପସ୍ଥିତ ଥିଲେ।


କର୍ମଚାରୀମାନେ ଶପଥପାଠ କରୁଛନ୍ତି।

# ପତ୍ନୀହନ୍ତାଙ୍କୁ ଆଜୀବନ ଜେଲ

କାମାକ୍ଷାନଗର, ୨୧।୭(ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ଅଦାଲତରେ ଶୁକ୍ରବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ମଧୁମିତା ମହାନ୍ତି ମାମଲାର ଶୁଣାଣି କରି ଅଭିଯୁକ୍ତ ବନମାଳୀ ନାଏକଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଓ ଅନାଦାୟ ଅଧିକ ୬ ମାସ ଜେଲ୍‌ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ତରଫରୁ ଆଇନଜୀବୀଙ୍କୁ ଦେବରାଜ ବେହେରା ମାମଲା ପରିଚାଳନା କରିଥିଲେ। ମାମଲାର ବିବରଣୀ ଅନୁଯାୟୀ, ପରଜଙ୍ଗ ଥାନା କଙ୍କଡାସୋଡ଼ା ଗ୍ରାମର ଚେମେଟୁ ପେଣ୍ଡେଇଙ୍କ ଝିଅ ବର୍ଷା ଆନ୍ଧ୍ରପ୍ରଦେଶର ଏକ ଚିଙ୍ଗୁଡ଼ି କମ୍ପାନୀରେ କାମ କରୁଥିଲେ। ସେଠାରେ କାମାକ୍ଷାନଗର ଥାନା ବାଙ୍ଗୁରା ଗ୍ରାମର ବନମାଳୀ ନାଏକଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଉଭୟେ ବିବାହ କରିଥିଲେ। ତେବେ ବନମାଳୀ ନିମ୍ନ ଜାତିର ହୋଇଥିବାରୁ ବର୍ଷାଙ୍କ ସହ ତାଙ୍କ ପରିବାର ସଦସ୍ୟ ସମ୍ପର୍କ ଛିନ୍ନ କରିଦେଇଥିଲେ। ବିବାହର କିଛିଦିନ ପରେ ବନମାଳୀ–ବର୍ଷାଙ୍କ ଦାମ୍ପତ୍ୟ ଜୀବନରେ ଝଡ଼ ସୃଷ୍ଟି ହୋଇଥିଲା। ୨୨ ମେ' ୨୦୨୨ ସନ୍ଧ୍ୟାରେ ବନମାଳୀଙ୍କ କାଠ ଫାଳିଆ ମାଡ଼ରେ ବର୍ଷା ଗୁରୁତର ହୋଇଥିବା ଚେମେଟୁ କୌଣସି ସୂତ୍ରରୁ ସୂଚନା ପାଇଥିଲେ। ବାଙ୍ଗୁରା ଗ୍ରାମକୁ ଆସି ଦେଖିବା ବେଳକୁ ଝିଅଙ୍କ ମୃତ୍ୟୁ ହୋଇସାରିଥିଲା। ଏ ନେଇ ଚେମେଟୁଙ୍କ ଅଭିଯୋଗକ୍ରମେ ନଂ. ୧୮୮/୨୧ରେ ଏକ ମାମଲା ରୁଜୁ ହୋଇଥିଲା। ପୋଲିସ ଅଭିଯୁକ୍ତ ବନମାଳୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

# ବିଦ୍ୟୁତ୍ ଆଘାତରେ ୨ ଷଣ୍ଢ ମୃତ

ଢେଙ୍କାନାଳ, ୨୧।୭(ରତନ ନାୟାର)

ଢେଙ୍କାନାଳ ସହର ଭଗବାନପୁର ଅଞ୍ଚଳରେ ଶୁକ୍ରବାର ସନ୍ଧ୍ୟାରେ ବିଦ୍ୟୁତ୍ ଆଘାତରେ ୨ ଷଣ୍ଢଙ୍କ ମୃତ୍ୟୁ ଘଟିଛି। ରାସ୍ତାପାର୍ଶ୍ୱରେ ବିପଦସଙ୍କୁଳ ଭାବେ ଝୁଲି ରହିଥିବା ଉଚ୍ଚ ଶକ୍ତିସମ୍ପନ୍ନ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୨ ଷଣ୍ଢ ମୃତ୍ୟୁମୁଖରେ ପଡ଼ିଥିବା ଜଣାପଡ଼ିଛି। ବିପଦପୂର୍ଣ୍ଣ ଭାବେ ଓହଳି ରହିଥିବା ତାର ସମ୍ପର୍କରେ ଅଞ୍ଚଳବାସୀ ଅବଗତ କରାଇବା ସତ୍ତ୍ୱେ ଏଥିପ୍ରତି ବିଭାଗୀୟ ଅଧିକାରୀ ଗୁରୁତ୍ୱ ଦେଇ ନ ଥିଲେ। ତେଣୁ ଏଭଳି ଦୁର୍ଘଟଣା ଘଟିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି।


ମୃତ ଦୁଇ ଷଣ୍ଢ।

# ଚାକିରି ସର୍ତ୍ତାବଳୀରୁ ବଞ୍ଚିତ ଶିକ୍ଷକଙ୍କ ଶୋଭାଯାତ୍ରା

ଢେଙ୍କାନାଳ, ୨୧।୭(ରତନ ନାୟାର)

ଚାକିରି ସର୍ତ୍ତାବଳୀରୁ ବଞ୍ଚିତ ଢେଙ୍କାନାଳ ଜିଲାର ନୂତନ ଅନୁଦାନପ୍ରାପ୍ତ ମାଧ୍ୟମିକ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ କ୍ଷୋଭବ୍ୟକ୍ତ କରିଛନ୍ତି। ପ୍ରତିବାଦରେ ସେମାନେ ଶୁକ୍ରବାର ଗୋପବନ୍ଧୁ ଟାଉନ୍ ହଲଠାରୁ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଏବଂ ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଜିଲାର ନୂତନ ଅନୁଦାନପ୍ରାପ୍ତ ମାଧ୍ୟମିକ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀ ୩୦ ବର୍ଷ ଧରି ଶିକ୍ଷାଦାନ କରି ଅବସର ଗ୍ରହଣ କରିଛନ୍ତି। କାର୍ଯ୍ୟରତ ସମୟରେ ସେମାନେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଜାତୀୟ କାର୍ଯ୍ୟକ୍ରମରେ ଭାଗନେଇ ସୁନାମ ଆଣିଥିଲେ। ହେଲେ ସେବାନିବୃତ୍ତି ପରେ ସେମାନଙ୍କୁ ପେନ୍‌ସନ୍ ଓ ଚାକିରି ସର୍ତ୍ତାବଳୀରୁ ବଞ୍ଚିତ କରାଯାଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ରାଜ୍ୟ ସରକାର ଦିନ ଗଡ଼ାଇ ଚାଲିଛନ୍ତି। ବିଧାନସଭା ମୌସୁମୀ ଅଧିବେଶନ ପୂର୍ବରୁ ଏହାର ସମାଧାନ ନ ହେଲେ ଶିକ୍ଷକ, ଶିକ୍ଷା କର୍ମଚାରୀମାନେ ପରିବାର ସଦସ୍ୟଙ୍କ ସହ ବିଧାନସଭା ସମ୍ମୁଖରେ ଅହୋରାତ୍ର ଧାରଣା ଦେବେ। ଆବଶ୍ୟକ ପଡ଼ିଲେ ଆତ୍ମାହୁତି ଦେବାକୁ ପଛାଇବେ ନାହିଁ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ଶୋଭାଯାତ୍ରାରେ ନିଖିଳ ଉତ୍କଳ ଶିକ୍ଷକ ମହାସଂଘ ଶାଖା ସମ୍ପାଦକ ବିପ୍ରବର ସାହୁ, ରାଜ୍ୟ ଆବାହକ ସଞ୍ଜୟ ହୋତା, ସଭାପତି ଅମରେନ୍ଦ୍ର ନାଥ ନନ୍ଦ, ସମ୍ପାଦକ ବିନୋଦ ସାହୁ, ଉପସଭାପତି ରୂପମଞ୍ଜରୀ ପଟ୍ଟନାୟକ, ସହସମ୍ପାଦକ ଅଜୟ ଦାଶ, ଜିଲା ଆବାହକ ଦିଲୀପ ଦାଶ ପ୍ରମୁଖ ସାମିଲ ହୋଇଥିଲେ।



ଶୋଭାଯାତ୍ରାରେ ସାମିଲ ହୋଇଥିବା ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନେ।

# ପୁଣି ୮ ମାସ ଗଡ଼ାଇଲେ

ଢେଙ୍କାନାଳ, ୨୧।୭(ରତନ ନାୟାର)

■ଚଳିତବର୍ଷ ସରିବ ନାହିଁ ଏନ୍‌ଏଚ୍ ୫୫ ସମ୍ପ୍ରସାରଣ

■କେନ୍ଦ୍ରମନ୍ତ୍ରୀଙ୍କ ଉତ୍ତରରେ ମହେଶ ଅସନ୍ତୁଷ୍ଟ

ଚଳିତବର୍ଷ ସରିବ ନାହିଁ ଏନ୍‌ଏଚ୍–୫୫ ସମ୍ପ୍ରସାରଣ କାର୍ଯ୍ୟ। ଏଥିଲାଗି ଆସନ୍ତା ମାର୍ଚ୍ଚକୁ ସମୟ ଧାର୍ଯ୍ୟ କରାଯାଇଛି। ରାଜ୍ୟର ଅନ୍ୟତମ ବ୍ୟସ୍ତବହୁଳ ଏହି ସଡ଼କ ପୂର୍ଣ୍ଣାଙ୍ଗ ରୂପ ନେବାକୁ ଆହୁରି ୮ ମାସ ସମୟ ଲାଗିବ ବୋଲି ଏଥିରୁ ସ୍ପଷ୍ଟ ହୋଇଛି। ଫଳରେ ଚଳିତ ବର୍ଷ ଡିସେମ୍ବର ସୁଦ୍ଧା କଟକ–ଅନୁଗୋଳ–ଢେଙ୍କାନାଳ–ସମ୍ବଲପୁର ଜିଲାବାସୀଙ୍କ ଦୁର୍ଦ୍ଦଶାର ଅନ୍ତ ହେବ ବୋଲି ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଯେଉଁ ଆଶା ଦେଖାଇଥିଲେ, ତାହା ଧୂଆଁବାଣ ବୋଲି ଏଥିରୁ ପ୍ରମାଣିତ ହୋଇଛି। ଅନ୍ୟପଟେ ଏହାକୁ ନେଇ ଶୁକ୍ରବାର ଲୋକ ସଭାରେ କ୍ଷୋଭବ୍ୟକ୍ତ କରିଛନ୍ତି ଏମ୍‌ପି ମହେଶ ସାହୁ।

ଲୋକ ସଭା ଅଧିବେଶନର ପ୍ରଥମ ଦିନରେ ଏମ୍‌ପି ସାହୁ ଏନ୍‌ଏଚ୍–୫୫ ସମ୍ପ୍ରସାରଣ ସ୍ଥିତି ସମ୍ପର୍କରେ ପ୍ରଶ୍ନ ଉଠାଇଥିଲେ। ଏକ ଅଣତାରକା ପ୍ରଶ୍ନର ଉତ୍ତର ରଖି କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନିତିନ ଗଡ଼କରୀ କହିଲେ, ଭୂମି ଅଧିଗ୍ରହଣ, ବିଭିନ୍ନ ଆଇନ ଅନୁଯାୟୀ ଅନୁମତି, ରାସ୍ତାକଡ଼ ବିଦ୍ୟୁତ୍ ଖୁଣ୍ଟ ସ୍ଥାନାନ୍ତରଣ, ଠିକାସଂସ୍ଥା ପକ୍ଷରୁ ବିଳମ୍ବ ଯୋଗୁ ଧାର୍ଯ୍ୟ ସମୟରେ ନିର୍ମାଣ କାମ ହେବା କଷ୍ଟକର ବ୍ୟାପାର। ତେଣୁ ଢେଙ୍କାନାଳ ଜିଲାରେ ଏନ୍‌ଏଚ୍–୫୫ ସମ୍ପ୍ରସାରଣ କାର୍ଯ୍ୟ ବିଳମ୍ବିତ ହୋଇଛି। ତେବେ କେନ୍ଦ୍ରମନ୍ତ୍ରୀଙ୍କ ଏଭଳି ଉତ୍ତରରେ ଏମ୍‌ପି କ୍ଷୋଭବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ଦେଇ ଏମ୍‌ପି ସାହୁ କହିଛନ୍ତି, ୫୫ନଂ. ଜାତୀୟ ରାଜପଥ ନିମନ୍ତେ ଜମି ଅଧିଗ୍ରହଣ ଶେଷ ହୋଇଛି। ରାଜ୍ୟ ସରକାର ଏଥିରେ ସମ୍ପୂର୍ଣ୍ଣ ସହଯୋଗ କରିଛନ୍ତି। ଯଦି ଜଙ୍ଗଲ ଜମି ଅଧିଗ୍ରହଣ ଯୋଗୁ କାର୍ଯ୍ୟ ବିଳମ୍ବ ହେଉଛି, ତେବେ ସେଥିପାଇଁ କେନ୍ଦ୍ର ସରକାର ଦାୟୀ। ବାସ୍ତବ ସ୍ଥିତି ଦେଖିଲେ ନୂତନ ଭାବେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଏନ୍‌ଏଚ୍ ୫୫ ନିର୍ମାଣ କାର୍ଯ୍ୟ ଶେଷ ହେବା ସମ୍ଭାବନା କମ୍ ବୋଲି ଜଣାପଡୁଛି। ଏହି ରାଜପଥ ଦେଇ କେବଳ ତାଳଚେରରୁ ଦୈନିକ ୧୦ ହଜାରରୁ ଊର୍ଦ୍ଧ୍ୱ ଟ୍ରକ୍ କୋଇଲା ପରିବହନ କରୁଛନ୍ତି। ରାଜପଥ ପାର୍ଶ୍ୱରେ ଥିବା ବିଭିନ୍ନ ଶିଳ୍ପ ସଂସ୍ଥାକୁ ସହସ୍ରାଧିକ ଭାରିଯାନ ଚଳାଚଳ କରୁଛି।

ଢେଙ୍କାନାଳ କଲେଜ ବାଇପାସ୍ ଓଭରବ୍ରିଜ୍ କାର୍ଯ୍ୟ ୨ ବର୍ଷ ହେଲା ଅଧାପନ୍ତରିଆ ଅବସ୍ଥାରେ ରହିଛି। ମେରାମଣ୍ଡଳୀ ଲିଙ୍ଗରା ନଦୀରେ ସେତୁ ନିର୍ମାଣ କାମ ଆରମ୍ଭ ହୋଇନାହିଁ। ଜଙ୍ଗଲ ବିଭାଗ ଅନୁମୋଦନ କରିଥିବା ହାତୀ ଚଲାପଥ କିମ୍ବା ଅଣ୍ଡରପାସ୍ କାମ ଆରମ୍ଭ ହୋଇନାହିଁ। ଏଭଳି ସ୍ଥିତିରେ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ୨୦୨୪ ମାର୍ଚ୍ଚ ସୁଦ୍ଧା ରାଜପଥ କାମ ସମ୍ପୂର୍ଣ୍ଣ ହେବ ବୋଲି ଦେଇଥିବା ପ୍ରତିଶ୍ରୁତି କେତେଦୂର ଯୁକ୍ତିସଙ୍ଗତ ସେ ନେଇ ଏମ୍‌ପି ପ୍ରଶ୍ନ ଉଠାଇଛନ୍ତି।



ଓଡ଼ାପଡା ବ୍ଲକ ପଞ୍ଚୁପଟି ନିକଟରେ ଅସମ୍ପୂର୍ଣ୍ଣ ଅବସ୍ଥାରେ ଥିବା ଓଭରବ୍ରିଜ୍।

